ଶ୍ରୀମତୀ ଅପର୍ଣ୍ଣା ଦେବୀ

ଚିନ୍ତା

ଶ୍ରୀମତୀ ଅପର୍ଣ୍ଣା ଦେବୀ

ଦ୍ୱିତୀୟ ସଂସ୍କରଣ

୧୯୩୮

ମୂଲ୍ୟ ବାରଅଣା ମାତ୍ର

Rs. 25/.

Printed by M. Kar,
THE UTKAL SAHITYA PRESS,
CUTTACK
1938.

ଉତ୍ସର୍ଗ ପତ୍ର

ପରମମାନନୀୟା ଉଦାରହୃଦୟା ଜାତୀୟଗୌରବବତ୍ସଳା
ସାହିତ୍ୟସୁମନପ୍ରିୟା ମାତୃକଳ୍ପା ମହନୀୟା
ଶ୍ରୀମତୀ ନରସିଂହପୁରାଧୀଶ୍ୱରୀ
ମହୋଦୟା
ଶ୍ରୀକରକମଳେଷୁ

ଦୁଶ୍ଚିନ୍ତା-ଅନଳେ ଶନି କୋପଫଳେ
ନିପୀଡ଼ିତ ହୋଇ ହେମନ୍ତ ପବନେ
'ଚିନ୍ତା' ଚିନ୍ତାସ୍ୱରେ ବ୍ୟାକୁଳ ଅନ୍ତର
'ଶନ୍ତା' 'ଶନ୍ତା' ଭଜ ପ୍ରାଗ୍‌ଜ୍ୟୋତିଷେଶ୍ୱର
ଅଶ୍ରା ଲଭ୍ ସୌଭ — ପୁର ଉପବନେ
ହୃତ ଧନ ପାଇ ସ୍ୱଜାଙ୍କ ଯତନେ
କୃତଜ୍ଞତା ପୁଷ୍ପା— ଞ୍ଜଳି ଶ୍ରୀପଦ୍ମରେ
ନୃପଙ୍କର ଅର୍ପି— ଥିଲେ ଭକ୍ତିଭରେ
ସେହ୍ନମତ ଦୁର— ଦୃଷ୍ଟ କୋପଫଳେ
ଦଗ୍ଧ ହୋଇ ନିତ ଦରିଦ୍ରତାନଳେ
ନାନା ଦୁଶ୍ଚିନ୍ତାରେ ବ୍ୟାକୁଳ ଅନ୍ତର
ଭାରତୀ-କାନନେ ଭ୍ରମି ନିରନ୍ତର

ରୂପଗନ୍ଧହୀନ ଏ 'ଚିନ୍ତା'-ସୁମନ
କରିଅଛୁ ବନ୍ଧୁ ଯତନେ ଚୟନ
ବଡ଼ ଆଶା ମୋର ଶ୍ରୀକର-କମଳେ
ଅରପିବି ବୋଲି କଳପନା ଛଳେ;
ଦୂର ନୀଳାଚଳୁଁ ଆସିଅଛୁ ଧାଇଁ
କେତେ ପଥଶ୍ରମ ନିର୍ଯ୍ୟାତନା ପାଇ
ଅୟି ଗୋ କମଳା— କ୍ଷୀରାବ୍ଧି-ସମ୍ଭୂତା
କମଳବାସିନୀ ରୂପିଣୀ ଶ୍ରୀଯୁକ୍ତା
ମୂର୍ତ୍ତିମତୀ ପବି— ସତୀ ଦୟାବତୀ !
ନରସିଂହ ପୁରେ— ଶାନ୍ତ ! ସାଧ୍ୱି ! ସତି !
ଭକ୍ତି ଶ୍ରଦ୍ଧାଯୁକ୍ତ ଏହି ଉପହାର
ଘେନନ୍ତୁ ସଦୟେ ଏହି ଅଧୀନାର;
ଯତ୍ନପତ୍ର ପାଶେ ବିଦୁର ଶାକାନ୍ନ
ଭଳି, ଶ୍ରୀଙ୍ଘ୍ରିମୂରେ ଏତିକି ଜଣାଣ ।

ଚିରାଶ୍ରିତା
ଲେଖିକା

ମୁଖବନ୍ଧ

ଯେଉଁ କାବ୍ୟଖଣ୍ଡର ମୁଖବନ୍ଧ ଲେଖିବାପାଇଁ ମୁଁ ଅନୁରୁଦ୍ଧ ହୋଇଅଛି, ଶ୍ରୀମତୀ ଅପର୍ଣ୍ଣା ଦେବୀ ତାହାର ରଚୟିତ୍ରୀ । ଅପର୍ଣ୍ଣା ଦେବୀ ସାହିତ୍ୟକ୍ଷେତ୍ରରେ ସୁପରିଚିତା ନ ହେଲେହେଁ ବର୍ତ୍ତମାନ ଏକାନ୍ତ ଅପରିଚିତା ନୁହନ୍ତି । ତତ୍ପ୍ରଣୀତ 'ଇନ୍ଦୁମତୀ' କାବ୍ୟଖଣ୍ଡ ଉତ୍କଳ-ସାହିତ୍ୟ-ସେବୀମାନଙ୍କ ନିକଟରେ ଯଥେଷ୍ଟ ସମାଦର ଲାଭ କରିଅଛି । ଏପରି ଅବସ୍ଥାରେ ତାଙ୍କ ଜୀବନବୃତ୍ତାନ୍ତ ସମ୍ବନ୍ଧରେ ଦୁଇ ଚାରି କଥା ଲେଖିବା ଏଠାରେ ଅସଙ୍ଗତ ହେବ ନାହିଁ ।

ପୁରୀ ଜିଲ୍ଲାର ଅନ୍ତର୍ଗତ ବୀରବଳଭଦ୍ରପୁର ନାମକ ଶାସନ ଅପର୍ଣ୍ଣାଙ୍କର ଜନ୍ମସ୍ଥାନ । ବର୍ତ୍ତମାନ ତାହାଙ୍କର ବୟସ ପ୍ରାୟ ୩୬ ହେବ । ଷଷ୍ଠ ବର୍ଷ ବୟସରେ ହରେକୃଷ୍ଣପୁର ଶାସନରେ ତାଙ୍କର ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ତେଣୁ ତାଙ୍କର ଶିକ୍ଷାଦୀକ୍ଷା ଗ୍ରାମ ପାଠଶାଳାରେହିଁ ପର୍ଯ୍ୟବସିତ । ସେ ବାଲ୍ୟକାଳରେ ପ୍ରାଥମିକ ବିଦ୍ୟାଳୟରେ କୃତିତ୍ୱ ଦେଖାଇଥିବାରୁ ଗୋଟିଏ ବୃତ୍ତି ପାଇଥିଲେ; କିନ୍ତୁ ଦାରୁଣ ଅବରୋଧ-ପ୍ରଥା ତାଙ୍କର ଉଚ୍ଚଶିକ୍ଷା-ଲାଭରେ ସର୍ବଥା ପ୍ରତିକୂଳ ହୋଇଥିଲା । ପିତୃକୁଳ ତଥା ସ୍ୱାମୀକୁଳର ଆର୍ଥିକ ଦୁରବସ୍ଥା ମଧ୍ୟ ତାଙ୍କର ସ୍ୱାଭାବିକ ଶିକ୍ଷା-ପ୍ରବୃତ୍ତି-ପଥରେ ଅନ୍ୟତର ଅନ୍ତରାୟ । ତାଙ୍କର ସ୍ୱାମୀ କଟକ ନର୍ମାଲ ବିଦ୍ୟାଳୟର ତୃତୀୟ ବାର୍ଷିକ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରି ବର୍ତ୍ତମାନ ପୁରୀ ସହରର ଗୋଟିଏ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରନ୍ତି । ଏହି ଭାବରେ ସେ ଗତ କେତେକ ବର୍ଷ ହେଲା ସ୍ୱାମୀଙ୍କ ସଙ୍ଗେ ପୁରୀରେ

ଅବସ୍ଥାନ କରୁଅଛନ୍ତି ଓ ଦୈନନ୍ଦିନ ଗୃହକର୍ମ କରସାର ଅତ୍ୟଳ୍ପ ଅବସର କାଳରେ ସାହିତ୍ୟ ଆଲୋଚନାରେ ଆପଣାକୁ ନିୟୋଜିତ କରୁଅଛନ୍ତି ।

ତେଣୁ ଜଣାଯାଉଅଛି, ଅପର୍ଣ୍ଣାଙ୍କର ସାହିତ୍ୟପ୍ରୀତି ଜନ୍ମାନ୍ତରୀଣ ସଂସ୍କାରର ପରିଣତି । ପ୍ରାଚୀନ କବି ଉପେନ୍ଦ୍ର ଭଞ୍ଜ ଓ ନବ୍ୟଯୁଗର ଶ୍ରେଷ୍ଠ କବି ରାଧାନାଥଙ୍କ କାବ୍ୟାବଳି ତାଙ୍କର କବିତା ଲେଖିବାର ଆଦର୍ଶ, କିନ୍ତୁ ଯୁଗୋଚିତ ରୁଚିର ଅନୁବର୍ତ୍ତିନରେ ସେ ରାଧାନାଥଙ୍କୁ ଆଦର୍ଶରୂପେ ଗ୍ରହଣ କରି ତାଙ୍କ ପ୍ରଦର୍ଶିତ ପନ୍ଥା ଅନୁସରଣପୂର୍ବକ ସ୍ୱକୀୟ ଚିନ୍ତାଶକ୍ତିର ତଥା ମୌଳିକ ରଚନାସୌଷ୍ଠବର ମାଧୁରୀ ପ୍ରଦର୍ଶନର ଉପଯୁକ୍ତ ଅବସର ପାଇଅଛନ୍ତି । ପୃଥିବୀର ବଡ଼ ବଡ଼ କବି ମଧ୍ୟ ଏହି ଭାବରେ ନିଜ ନିଜ କାବ୍ୟ କବିତାର ମୌଳିକତା ପ୍ରଦର୍ଶନ କରି ଯାଇଅଛନ୍ତି । ପ୍ରକୃତରେ ଚିନ୍ତାର ମୌଳିକତା ରଚନାର ବିଚ୍ଛିତ୍ତିବିଶେଷ ଉପରେ ନିର୍ଭର କରେ । ଅନ୍ୟର ଅନୁସରଣ ସଙ୍ଗେ ତାହାର ସମ୍ବନ୍ଧ ନ ଥାଏ । ଅନ୍ୟଥା ପୃଥିବୀର କୌଣସି କବିଙ୍କର ରଚନାକୁ ମୌଳିକ ବୋଲି କୁହାଯିବ ନାହିଁ । ସଂସ୍କୃତରେ ଗୋଟିଏ କଥା ଅଛି, "ବାଣୋଚ୍ଛିଷ୍ଟଂ ମିଦଂ ଜଗତ୍" ଏ ସଂସାରଟା ବାଣଙ୍କର ଅଇଁଠା ଅର୍ଥାତ୍ ପରବର୍ତ୍ତୀ କବିମାନେ ପ୍ରାୟଶଃ ଏପରି ଗୋଟିଏ ନୂଆ କଳ୍ପନା ଦେଖାଇ ନାହାନ୍ତି, ଯାହା ମହାକବି ବାଣ ତତ୍ପ୍ରଣୀତ 'କାଦମ୍ବରୀ ମହାଗ୍ରନ୍ଥରେ ପ୍ରଦର୍ଶନ କରି ନାହାନ୍ତି ।

ସାଧାରଣତଃ କାବ୍ୟ-ଲେଖକମାନେ ଯେପରି ପୌରାଣିକ ବା ଐତିହାସିକ ବ୍ୟକ୍ତିବିଶେଷଙ୍କୁ ବର୍ଣ୍ଣନୀୟ କାବ୍ୟର ଉପଜୀବ୍ୟ ବିଷୟରୂପେ ଗ୍ରହଣ କରିଥାଆନ୍ତି, ଅମ୍ଭମାନଙ୍କ କବି ଅପର୍ଣ୍ଣା ସେହିପରି ପୁରାଣବିଶ୍ରୁତ-କୀର୍ତ୍ତି ମହାରାଜ ଶିବସ୍କନ୍ଦଙ୍କର ସାଧ୍ୱୀ ଧର୍ମପତ୍ନୀ 'ଚିନ୍ତା'ଙ୍କୁ ଅବଲମ୍ବନ କରି ଏହି କାବ୍ୟଖଣ୍ଡ ରଚନା କରିଅଛନ୍ତି । ଶଂସିତ କାବ୍ୟଖଣ୍ଡ ୯ ଗୋଟି ସର୍ଗରେ ବିଭକ୍ତ । ମହାରାଜ ଶ୍ରୀବତ୍ସଙ୍କର ଅଲୋକସାମାନ୍ୟ ଗୁଣାବଳୀ,

ଚନ୍ଦ୍ରାଙ୍କର ପତିପରାୟଣତା ବର୍ଣ୍ଣନ କରିସାରି ଲେଖିକା ପ୍ରଥମ ସର୍ଗରେ ଚନ୍ଦ୍ର ଓ ଲକ୍ଷ୍ମୀଙ୍କର ବିବାଦ-ପ୍ରସଙ୍ଗ ଅତି କୌଶଳରେ ଉପସ୍ଥାପିତ କରିଅଛନ୍ତି । ଏ ସର୍ଗରେ ପ୍ରଦତ୍ତ ହୋଇଥିବା ଗୋଟିଏ ପ୍ରଭାତ ବର୍ଣ୍ଣନା ଏଡ଼େ ହୃଦୟସ୍ପର୍ଶୀ ଯେ ଥରେ ପଢ଼ିଲେ ବାରମ୍ବାର ପଢ଼ିବାକୁ ପ୍ରବୃତ୍ତି ହୁଏ । ଦ୍ୱିତୀୟ ସର୍ଗରେ ଶନିଦୃଷ୍ଟିରେ ଶ୍ରୀବତ୍ସଙ୍କର ରାଜଶ୍ରୀଭ୍ରଂଶ ଓ ଚନ୍ଦ୍ରାଙ୍କ ସଙ୍ଗେ ବନଗମନର ବର୍ଣ୍ଣନା ଏପରି କାରୁଣ୍ୟବ୍ୟଞ୍ଜକ ହୋଇ ଅଛି ଯେ ପଢ଼ିଲେ ହୃଦୟ କରୁଣରସରେ ଅପ୍ଲୁତ ହୋଇଉଠେ । ପରବର୍ତ୍ତୀ ସର୍ଗମାନଙ୍କରେ ମଧ୍ୟ ସେହି କାରୁଣ୍ୟର ଚିତ୍ର ଅତ୍ୟନ୍ତ ପରିସ୍ଫୁଟ ହୋଇ ଉଠିଅଛି । ଭାରତୀୟ ପୁରାଣର ଅନ୍ୟାନ୍ୟ ଚିତ୍ର ପରି ଏ ଚିତ୍ରଟି ମଧ୍ୟ ମିଳନାନ୍ତକ । ଶେଷରେ ଭଦ୍ରା ଓ ଶ୍ରୀବତ୍ସଙ୍କ ସଙ୍ଗେ ଚନ୍ଦ୍ରାଙ୍କର ମିଳନବର୍ଣ୍ଣନା ମଧ୍ୟ ବଡ଼ ଚିତ୍ତାକର୍ଷକ ହୋଇଅଛି । ଅବଶିଷ୍ଟାଂଶର ବର୍ଣ୍ଣନା ସମ୍ପର୍କରେ ଏଠାରେ ମୋଟାମୋଟି ଏତିକି କହିଲେ ଯଥେଷ୍ଟ ହେବ ଯେ, କାବ୍ୟର ପ୍ରତିପଦରେ ନାୟିକାଙ୍କର ସ୍ୱାଧୀନଚିତ୍ତତା, ସ୍ୱାଧୀନ ଚିନ୍ତାଶୀଳତା ଓ ପ୍ରତିଭାର ବିଶିଷ୍ଟତା ଉଜ୍ଜ୍ୱଳଭାବରେ ଫୁଟି ଉଠିଅଛି ।

ପ୍ରଥମରୁ ପାଠକ ଦେଖିବେ ଯେ, ଲେଖିକା ଏହି କରୁଣ-ରସପୂର୍ଣ୍ଣ ଆଖ୍ୟାୟିକାଟିକୁ ତାଙ୍କ କାବ୍ୟର ବିଷୟରୂପେ ନିର୍ବାଚନ କରି ସ୍ୱୀୟ ନାରୀ-ଜନୋଚିତ କୋମଳ ହୃଦୟବୃତ୍ତିର ଯଥେଷ୍ଟ ପରିଚୟ ଦେଇଅଛନ୍ତି । ଦ୍ୱିତୀୟରେ ସତୀଶିରୋମଣି ଚନ୍ଦ୍ରାଙ୍କର ପାତିବ୍ରତ୍ୟର ଯେଉଁ ସମୁଜ୍ଜ୍ୱଳ ଚିତ୍ର ତାଙ୍କର ସ୍ୱଭାବସୁଲଭ ତୂଳିକା ସାହାଯ୍ୟରେ ଅଙ୍କିତ ହୋଇଅଛି, ତାହା ଯେ କୌଣସି ଉଚ୍ଚଶିକ୍ଷାପ୍ରାପ୍ତ ସ୍ତ୍ରୀଜନ ପକ୍ଷରେ ମଧ୍ୟ ପରମ ଗୌରବର ବିଷୟ ବୋଲି ବିବେଚିତ ହୁଅନ୍ତା । ଅବଶ୍ୟ ପୁରାଣରେ ଚନ୍ଦ୍ରା ଶ୍ରୀବତ୍ସଙ୍କର ଯେଉଁ ଚିତ୍ର ପ୍ରଦତ୍ତ ହୋଇଅଛି, ସେ ତାହାର ବିଚିତ୍ରତା ସମ୍ପାଦନ କରି ଚରିତ୍ରଚିତ୍ରଣର ଅନ୍ୟ ବୈଶିଷ୍ଟ୍ୟ ପ୍ରଦର୍ଶନର ଅବସର ପାଇ ନାହାନ୍ତି, ତଥାପି ତାଙ୍କର ବର୍ଣ୍ଣନାର ମାଧୁର୍ଯ୍ୟ, ଅଲଙ୍କାରବିନ୍ୟାସରେ ନିପୁଣତା

ଓ ସମୀଚୀନ ଶବ୍ଦ ପ୍ରୟୋଗରେ ଅସାଧାରଣ ଶକ୍ତିମତ୍ତା ଦ୍ୱାରା କାବ୍ୟଟି ଗୋଟିଏ ମୌଳିକ ଚିତ୍ର ପରି ପ୍ରତିଭାତ ହୁଏ । ମୂଳରେ କହିବାକୁ ଗଲେ ତାଙ୍କର ଏହି କାବ୍ୟଖଣ୍ଡି ଗୋଟିଏ ମନୋହର ଚିତ୍ରପେଟିକା । ପାଠକ ସେହି ପେଟିକାର ପ୍ରତ୍ୟେକ ସ୍ତରରେ ବିଭିନ୍ନ ରଙ୍ଗରେ ରଞ୍ଜିତ ନୂଆ ନୂଆ ଚିତ୍ରମାନ ଦେଖି ବିମୁଗ୍ଧ ହେବେ, ଏଥିରେ ମୋର ସନ୍ଦେହ ନାହିଁ ।

ଏ ସଂସାରରେ ମାନବ ଯେତେ ସରଳ ଓ ସାଧୁ ହେଉ ପଛକେ ଦୁର୍ଦ୍ଦୈବପ୍ରଭାବରେ ଯେ ବେଳେ ବେଳେ ଘୋର ଦୁଃଖ ଅନୁଭବ କରେ, ଏହାହିଁ ଏହି ପୌରାଣିକ ଚିତ୍ରଟିର ଲକ୍ଷ୍ୟ । ଅସ୍ମମାନଙ୍କ କବି ଏହି ପରିଣାମ ପ୍ରତି ଦୃଷ୍ଟି ରଖି ସର୍ବତ୍ର ବିପଦରେ ଶ୍ରୀବତ୍ସଙ୍କର ଧୈର୍ଯ୍ୟଶୀଳତା ଓ ଚିନ୍ତାଙ୍କର ଅସାଧାରଣ ପାତିବ୍ରତ୍ୟର ଚିତ୍ର ଅଙ୍କିତ କରି କାବ୍ୟପାଠର ଉଦ୍ଦେଶ୍ୟ ପ୍ରତିପାଦନରେ ସର୍ବଥା ଯତ୍ନବାନ ହୋଇଅଛନ୍ତି । ଆଜିକାଲି ଅତି ଅଳ୍ପ ପୁରୁଷକବି ମଧ୍ୟ ସ୍ୱ ସ୍ୱ କାବ୍ୟ କବିତାର ଏଭଳି ଉଦ୍ଦେଶ୍ୟ ପ୍ରତିପାଦନରେ ସମର୍ଥ ।

ଏ କାବ୍ୟ ଖଣ୍ଡିକରେ ଆଉ ଗୋଟିଏ ବିଶେଷତ୍ୱ ଏହି ଯେ, ଏହାର କୌଣସି ପଦରେ ମଧ୍ୟ ପୂର୍ଣ୍ଣମିତ୍ରାକ୍ଷରର ବିଧି ଲଙ୍ଘନ କରାଯାଇ ନାହିଁ । ଏହା ଲେଖିକାଙ୍କର ସ୍ୱାଭାବିକ କବିତ୍ୱ ଶକ୍ତିର ଗୋଟିଏ ସମୁଜ୍ଜ୍ୱଳ ନିଦର୍ଶନ । କାବ୍ୟପାଠରେ ଜଣାଯାଏ, ସତେ ଯେପରି ଏହି ପୂର୍ଣ୍ଣମିତ୍ରାକ୍ଷର ମିଳାଇବା କବିଙ୍କୁ ଆଦୌ ଚେଷ୍ଟା କରିବାକୁ ପଡ଼ି ନାହିଁ । ଏହା ଯେ କୌଣସି ସୁକବିଙ୍କ ପକ୍ଷରେ ମଧ୍ୟ ଗୌରବର ବିଷୟ ଓ ଗଭୀର ଶବ୍ଦାର୍ଥ ଜ୍ଞାନର ପରିଚାୟକ । ତାଙ୍କର ଭାଷା ସର୍ବତ୍ର ସରଳ, ମଧୁର, ଚିତ୍ତାକର୍ଷକ ଓ ହୃଦୟଗ୍ରାହୀ । ସ୍ଥାନେ ସ୍ଥାନେ ବ୍ୟାକରଣଗତ କେତେଗୋଟି ପ୍ରମାଦ ରହି ଯାଇଅଛି ସତ୍ୟ, କିନ୍ତୁ ଏ ଦୋଷରୁ ଅନେକ ବଡ଼ ବଡ଼ କବି ମଧ୍ୟ ଅବ୍ୟାହତି ପାଇ ନାହାନ୍ତି ।

ପ୍ରକୃତରେ ଏହି କାବ୍ୟ ଖଣ୍ଡି ପାଠ କରି ମୋର ମନେ ହେଲା, ଉତ୍କଳରେ ନବଯୁଗର ଆବିର୍ଭାବ ହୋଇଅଛି । ଯେଉଁ ଦେଶରେ ନାରୀମାନେ ଏଭଳି କାବ୍ୟ ଲେଖିବାରେ କ୍ଷମ, ସେ ଦେଶରେ ସାହିତ୍ୟ ଯେ ଅବିଲମ୍ବରେ ଶ୍ରୀସମ୍ପନ୍ନ ହୋଇ ଉଠିବ, ଏଥିରେ ସନ୍ଦେହ ନାହିଁ । ମୋର ଆଶା, ଉତ୍କଳର ସାହିତ୍ୟିକ ଓ ଧନିକବୃନ୍ଦ ଦେଶର ନାରୀ-ପ୍ରତିଭା-ବିକାଶରେ ସହାୟତା କରି ତାହାର ଗୌରବ ବୃଦ୍ଧି କରିବେ । ମହର୍ଷି ମନୁ ସ୍ମୃତିଶାସ୍ତ୍ରରେ କହିଅଛନ୍ତି—

"ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ ।"

କଟକ
ବାହୁଡ଼ା ଦଶମୀ
୨୪।୭।୩୧

ଶ୍ରୀ କୁଳମଣି ଦାଶ

ଭୂମିକା

ଉତ୍କଳର ଅନ୍ୟତମ ନବୀନ ନାରୀକବି ଶ୍ରୀମତୀ ଅପର୍ଣ୍ଣା ଦେବୀ ଏତତ୍ପୂର୍ବରୁ ସ୍ୱପ୍ରଣୀତ 'ଇନ୍ଦୁମତୀ' କାବ୍ୟ ଏବଂ 'କବିତାଞ୍ଜଳି'ର ପୀୟୂଷ-ପ୍ରବାହରେ ଉତ୍କଳକୁ ପ୍ଲାବିତ କରି ସର୍ବଜନ ପରିଚିତ ହୋଇଅଛନ୍ତି । ଲଜ୍ଜାରେ ହରିଣୀ ଭଳି ଆଜି ଉତ୍କଳରେ 'ନାରୀକବି' ଶବ୍ଦ ଯୋଗେ ମନରେ ଯୁଗପତ୍ ଆନନ୍ଦ ଏବଂ ବିସ୍ମୟ ଉଦିତ ହେବା ସଙ୍ଗେ ସଙ୍ଗେ ପ୍ରାଣରେ ଆଶା ଏବଂ ଉତ୍ସାହର ସ୍ପନ୍ଦନ ହେଉଅଛି । ସର୍ବାଙ୍ଗୀନ-ସମ୍ପଦ-ସଦ୍ଭାବ ଏବଂ ଧାରାବାହିକ ଉଚ୍ଚଶିକ୍ଷା-ସୌକର୍ଯ୍ୟରୁ ସର୍ବଥା ବଞ୍ଚିତା, ଅଭାବର ତୀବ୍ର ଯନ୍ତ୍ରଣାରେ ନିଷ୍ପେଷିତା ଏବଂ ସାମାଜିକ ନିୟମାନୁସାରେ ଅନ୍ତଃପୁର-ନିବଦ୍ଧା ହୋଇ ସୁଦ୍ଧା ସେ ଉତ୍କଳ-ସାହିତ୍ୟ-ଭଣ୍ଡାରକୁ ଯେଉଁ ଅମୂଲ୍ୟ ରତ୍ନମାନ ଦାନ କରିଅଛନ୍ତି ଏବଂ ଦାନ କରୁଅଛନ୍ତି, ତହିଁର କାରଣ ଯେ ତାହାଙ୍କର ଈଶ୍ୱରପ୍ରଦତ୍ତ ସ୍ୱତନ୍ତ୍ର କବିପ୍ରତିଭା, ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ । କବିତ୍ୱ ଉପାର୍ଜନ ନିମନ୍ତେ କେବଳ ସେହି ଅମୋଘ ପ୍ରତିଭା ଆବଶ୍ୟକ । ଆଧୁନିକ ବିଦ୍ୟାଳୟ ଶିକ୍ଷା କିମ୍ବା ବିଶାଳ ଧନରାଶି ଅଭାବରେ ସୁଦ୍ଧା କବିତ୍ୱ ପ୍ରତିପତ୍ତି ଲାଭ କରାଯାଇ ପାରେ, ଏହା ଶ୍ରୀମତୀ ଅପର୍ଣ୍ଣାଙ୍କ କୃତିତ୍ୱରୁ ସ୍ପଷ୍ଟ ପ୍ରତୀତ ହେଉଅଛି । ଆମ୍ଭମାନଙ୍କର ଶ୍ରଦ୍ଧେୟା ଶ୍ରୀମତୀ ଅପର୍ଣ୍ଣା ଦେବୀ ତପସ୍ୱିନୀ ଭଳି ଏକାଗ୍ରତା ରଖି ବହୁ ଗଦ୍ୟାତ୍ମକ ଓ ପଦ୍ୟାତ୍ମକ କାବ୍ୟ ପ୍ରଣୟନ କରିଅଛନ୍ତି । ସେଥିମଧ୍ୟରୁ ଅନେକ ଅଦ୍ୟାପି ଅପ୍ରକାଶିତ । ସୌଭାଗ୍ୟବଶତଃ ବର୍ତ୍ତମାନ ତଦୀୟ 'ଚନ୍ଦ୍ରା' କାବ୍ୟ ପ୍ରକାଶିତ ହେବାର ସୁଯୋଗ ଉପସ୍ଥିତ ହେବାରୁ ମୁଁ ତହିଁର ଭୂମିକା ଲିଖନ ନିମନ୍ତେ ଅନୁରୁଦ୍ଧ ହୋଇ ନିଜକୁ ସୌଭାଗ୍ୟବାନ୍ ମନେ କରୁଅଛି । କାରଣ ଏତତ୍ କାବ୍ୟ

ବର୍ଣ୍ଣିତ ବିଷୟ ପୁରାତନ, ପ୍ରସିଦ୍ଧ ଏବଂ ପବିତ୍ର ମହାଭାରତୀୟ; ତାହା ପୁଣି ଅସାମାନ୍ୟ ନାୟିକାଙ୍କର ଦିବ୍ୟ ତୂଳିରେ ସୁଚିତ୍ରିତ ।

ଚନ୍ଦ୍ରାକାବ୍ୟ ନଅଗୋଟି ସର୍ଗରେ ସମ୍ପୂର୍ଣ୍ଣ ଏବଂ ପ୍ରତ୍ୟେକ ସର୍ଗ ମନୋହର ଛନ୍ଦରେ ନିବଦ୍ଧ । କାବ୍ୟର ପଲ୍ଲବନ ନିମନ୍ତେ ମାର୍ଜିତ ଭାବରେ ପରମ୍ପରାକ୍ରମେ ବିନ୍ୟସ୍ତ ବିଷୟମାନ ଯେପରି ଚିତ୍ତାକର୍ଷକ, ଶଂସିତ ବିଷୟମାନଙ୍କର ବିଶଦୀକରଣ ମଧ୍ୟ ତଦ୍ରୂପ ମର୍ମବୋଧକ । ବିଶେଷତଃ ଏହା ପାଠ କଲେ ବୋଧହୁଏ—କାବ୍ୟଟି ଯେପରି କବିତା-ହ୍ରଦରୁ ନିର୍ଗତ ଏବଂ ଶ୍ଳୋକପରମ୍ପରା ଯେପରି ଭାବତରଙ୍ଗରେ ତରଙ୍ଗିତ । ଏଥିରେ କବି ହେବାର କୃତ୍ରିମତା ନାହିଁ, ଅଛି କେବଳ ନିସର୍ଗ କବିସାମର୍ଥ୍ୟ । ପୁଣି କାବ୍ୟଟିରେ କବିଙ୍କର ଆନ୍ତରିକତାର ବିକାଶ ହେତୁ ତାହା ପ୍ରତ୍ୟେକ ପାଠକ ପକ୍ଷରେ ଆଦରଣୀୟ ଅଟେ । ସରଳ ମଧୁର ଅଥଚ ଅବିମିଶ୍ରିତ ଶବ୍ଦଯୋଜନା ଯୋଗୁଁ ଏହି କାବ୍ୟ ଯେ ଉତ୍କଳ ସାହିତ୍ୟରେ ଉପାଦେୟ, ଏହା କହିବା ମଧ୍ୟ ବାହୁଲ୍ୟ ! ଅବଶ୍ୟ କାବ୍ୟ ମଧ୍ୟରେ ଯେ କୁତ୍ରାପି ବ୍ୟାକରଣାଦି ଦୋଷ ନାହିଁ, ତାହା ଅସ୍ୱୀକାର କରିଯାଇ ନ ପାରେ । କିନ୍ତୁ "ନିମଜ୍ଜତୀନ୍ଦୋଃ କିରଣେ-ଷ୍ୱିବାଙ୍କଃ" ଏହି ଆଦର୍ଶରେ ବା ମହାଜନୋକ୍ତିରେ ଏହା ଦୂଷଣୀୟ ନୁହେ, ବରଂ ଶ୍ରଦ୍ଧେୟ ।

ଚନ୍ଦ୍ରସେନ ଦୁହିତା ଚନ୍ଦ୍ରା ଏହାର ପ୍ରଧାନ ନାୟିକା । ସୁତରାଂ ତଦୀୟ ନାମାନୁସାରେ କାବ୍ୟର ନାମ 'ଚନ୍ଦ୍ରା' । ପରସ୍ପର ବିବାଦଗ୍ରସ୍ତ ଶ୍ରୀ ଏବଂ ଶନିଙ୍କର ଶ୍ରେଷ୍ଠତା ମୀମାଂସାରେ ଚନ୍ଦ୍ରାପତି ପ୍ରାଗ୍‌ଜ୍ୟୋତିଷେଶ୍ୱର ଶ୍ରୀବତ୍ସ ନ୍ୟାୟତଃ ଶନିଙ୍କର ହୀନତା ନିର୍ଦ୍ଦେଶ କରିବାରେ ତାଙ୍କର କୋପଭାଗୀ ହୋଇ ଯେଉଁସବୁ ଦୁର୍ବିପାକ ଭୋଗ କଲେ, ସେ ସମସ୍ତ କାବ୍ୟର ମୂଳ ବିଷୟ ହେଲେହେଁ ଚନ୍ଦ୍ରାଙ୍କର ଅସାଧାରଣ ସତୀତ୍ୱ ଏଥିରେ ପ୍ରତିପାଦ୍ୟ ବିଷୟ ଅଟେ । ବର୍ଣ୍ଣିତ ବିଷୟ କେତେକାଂଶରେ ନଳଦମୟନ୍ତୀ

ଚରିତର ଅନୁରୂପ । କଳିକୋପରେ ସପତ୍ନୀକ ନଳ ଯେପରି ରାଜ୍ୟଭ୍ରଷ୍ଟ ହୋଇ ବନମଧ୍ୟରେ ନାନା ଦୁର୍ବିପାକରେ ପଡ଼ି ଶେଷକୁ ଅନାହାର ପର୍ଯ୍ୟନ୍ତ ସହ୍ୟ କରି ପତ୍ନୀଙ୍କଠାରୁ ବିଚ୍ଛିନ୍ନ ହେବାକୁ ବାଧ୍ୟ ହୋଇଥିଲେ, ଏଥିରେ ଶନିକୋପରେ ତାହାହିଁ ହେଲା । କିନ୍ତୁ ଦମୟନ୍ତୀ ଯେପରି ବିଚ୍ଛେଦ ପରେ ପିତୃଗୃହରେ ଆଶ୍ରୟ ଲାଭକରି ସତୀତ୍ୱ ରକ୍ଷାନିମନ୍ତେ ସୁବିଧା ଲାଭ କରି ପାରିଥିଲେ, ଚନ୍ଦ୍ରାଙ୍କର ବିଚ୍ଛେଦଜୀବନରେ ତାହା ହୋଇ ନ ଥିଲା; ସୁତରାଂ ଚନ୍ଦ୍ରା ଅପହୃତା ହୋଇ ସତୀତ୍ୱରକ୍ଷା ବିଷୟରେ ଆଶଙ୍କିତା ହେବାରୁ ନିଜର ବିରୂପତା ସମ୍ପାଦନ କରିବାକୁ ବାଧ୍ୟ ହୋଇଥିଲେ । ପୁଣି ଚନ୍ଦ୍ରାଚରିତରେ ବିଶେଷତ୍ୱ ଏହି ଯେ—ରାଜା ଶ୍ରୀବତ୍ସ ଘଟନାଚକ୍ରରେ ପଡ଼ି ଅବଶ୍ୟ ଚନ୍ଦ୍ରାଲାଭ ନିମନ୍ତେ ବାହୁଦେବଙ୍କ କନ୍ୟା ଭଦ୍ରାବତୀଙ୍କୁ ଦ୍ୱିତୀୟ ଦାରରୂପେ ଗ୍ରହଣ କରିଥିଲେହେଁ ମିଳନାନ୍ତେ ଚନ୍ଦ୍ରାଙ୍କର ପତିଙ୍କ ପ୍ରତି ତିଳେମାତ୍ର ତ୍ରୁଟି ଘଟି ନ ଥିଲା କିମ୍ବା ସପତ୍ନୀ ଭଦ୍ରାବତୀଙ୍କ ପ୍ରତି ଅଣୁମାତ୍ର ଅସୂୟା ଦେଖାଯାଇ ନ ଥିଲା; ବରଂ ସତୀ ଚନ୍ଦ୍ରା ନିଜର ଏକାଗ୍ରତାରୁ କ୍ଷଣକାଳ ନିମନ୍ତେ ବିଚ୍ୟୁତ ନ ହୋଇ ପତିଙ୍କୁ ଦେବତାରୂପେ ସେବା କରିବା ସଙ୍ଗେ ସଙ୍ଗେ ସପତ୍ନୀଙ୍କୁ ମଧ୍ୟ ଭଗ୍ନୀତୁଲ୍ୟ ସ୍ନେହ କରୁଥିଲେ । ସାଧାରଣ ମାନବଚରିତ୍ରରେ ଏପରି ଉଦାହରଣ ଯେ ଏକାନ୍ତ ଦୁଷ୍ପ୍ରାପ୍ୟ ଏବଂ ସାଧ୍ୱୀଶିରୋମଣି ଚନ୍ଦ୍ରାଚରିତ ଯେ ଜଗତରେ ସର୍ବଥା ଆଦର୍ଶସ୍ଥାନୀୟ, ଏଥିରେ ମତଭେଦ ବା କଣ ଅଛି ?

ସୁଖର ବିଷୟ, ଶ୍ରୀମତୀ ଅପର୍ଣ୍ଣା ଦେବୀଙ୍କ କବିତାମାନଙ୍କ ଉପରେ ଉତ୍କଳୀୟ ରାଜନ୍ୟବୃନ୍ଦଙ୍କର ଅନୁଗ୍ରହ ଦୃଷ୍ଟି ପଡ଼ିଅଛି; ସୁତରାଂ ତତ୍ପ୍ରଣୀତ କାବ୍ୟ କବିତାମାନଙ୍କର ମୁଦ୍ରଣ ବିଷୟରେ ନୈରାଶ୍ୟ ଜନ୍ମୁ ନାହିଁ । ଗୁଣଗ୍ରାହିଣୀ ମାନନୀୟା ଶ୍ରୀମତୀ କେନ୍ଦୁଝରାଧୀଶ୍ୱରୀ ମହୋଦୟାଙ୍କ ସମ୍ପୂର୍ଣ୍ଣ ଅନୁକୂଲ୍ୟରେ 'ଇନ୍ଦୁମତୀ'ର ପ୍ରଥମ ପ୍ରକାଶ ହୋଇ ଯାଇଅଛି । ପୁନଶ୍ଚ ନିକଟ ଭବିଷ୍ୟତରେ ନାରୀକବିଙ୍କର 'ଦଶକୁମାରଚରିତ' ଓ

‘ଦଶକୁମାରଚରିତ’ ନାମକ ଗଦ୍ୟକାବ୍ୟଗ୍ରନ୍ଥ ମାନନୀୟ ଅଷ୍ଟମଲ୍ଲିକ-ରାଜଦମ୍ପତିଙ୍କ ସମ୍ପୂର୍ଣ୍ଣ ଆନୁକୂଲ୍ୟରେ ପ୍ରକାଶିତ ହେବାର ଆଶା ପ୍ରୋକ୍ତ ଅଷ୍ଟମଲ୍ଲିକାଧୀଶ୍ୱରୀ ମହୋଦୟାଙ୍କ ବରବାଣୀରେ ଫଳଦ ହୋଇ ଯାଇଅଛି ।

ବର୍ତ୍ତମାନ ମାନନୀୟା ବିଦୁଷୀ ଶ୍ରୀମତୀ ନରସିଂହପୁରାଧୀଶ୍ୱରୀ ମହୋ-ଦୟାଙ୍କ ଚନ୍ଦ୍ରାନାୟିକାର ପତ୍ରଦ୍ୱୟରେ ମୁଦ୍ରିତ ହୋଇ ତହିଁର ପ୍ରକାଶ ନିମନ୍ତେ ସମସ୍ତ ବ୍ୟୟଭାର ବହନ କରି ଜନମୁଖରେ ପ୍ରଶଂସିତ ସ୍ୱକୀୟ ପାଣ୍ଡିତ୍ୟ ଏବଂ ବିଦ୍ୟାନୁରାଗର ଜ୍ୱଳନ୍ତ ନିଦର୍ଶନ ପ୍ରଦର୍ଶନ କରିବା ଦ୍ୱାରା ପ୍ରଶଂସା ଏବଂ ପାଠକପାଠିକାମାନଙ୍କର ଅଶେଷ ଧନ୍ୟବାଦର ପାତ୍ରୀ ହୋଇଅଛନ୍ତି ।

ଚନ୍ଦ୍ରା କାବ୍ୟ ପ୍ରକାଶିତ ହେବ, ଅବଶ୍ୟ ସୌଭାଗ୍ୟର ବିଷୟ, କିନ୍ତୁ କେବଳ ପ୍ରକାଶରେ ଯେ ପ୍ରଣେତ୍ରୀ ତଥା ପ୍ରକାଶୟିତ୍ରୀ ଚରିତାର୍ଥ ହେବେ ବା କାବ୍ୟର ସାର୍ଥକତା ସମ୍ପାଦିତ ହେବ, ଏମନ୍ତ ନୁହେଁ । ପାଠ୍ୟ, ପୁରସ୍କାର, ଉପହାର ପ୍ରଭୃତିରୂପେ ଏହି ଚନ୍ଦ୍ରା ପୁସ୍ତିକାର ବହୁଳ ବ୍ୟବହାର ହେଲେ କାବ୍ୟ ପ୍ରଣୟନ ତଥା କାବ୍ୟ ପ୍ରକାଶର ସାର୍ଥକତା ସମ୍ପାଦିତ ହେବ ଏବଂ ତଦ୍ୱାରା ପ୍ରଣେତ୍ରୀ ନବ ନବ ଗ୍ରନ୍ଥପ୍ରଣୟନରେ ପ୍ରୋତ୍ସାହିତ ହେବେ ।ଇ ।

ତା ୨୦ । ୮ । ୩୨
ପୁରୀ
} ଶ୍ରୀ ଜଗନ୍ନାଥ ରଥ କାବ୍ୟତୀର୍ଥ

ଉପହାର

ଚିନ୍ତା

ପ୍ରଥମ ସର୍ଗ

ରାଗ—ରାମକେରୀ

ପରମ ଧାର୍ମିକ ଶ୍ରୀବତ୍ସ
ପ୍ରାଗ୍‌ଜ୍ୟୋତିଷ ନୃମଣି,
ପାଳନ୍ତି ସ୍ୱରାଜ୍ୟ ପରଜା
ପୁତ୍ର ପରାଏ ମଣି ।
ଦାନେ ଦାନବୀର ନୃପତି
ସର୍ବ ଶାସ୍ତ୍ରେ ଶିକ୍ଷିତ
ସତତ ଶରଣରକ୍ଷଣ
ଦୁଷ୍ଟଦଳନବ୍ରତୀ ।
ସହଧରମିଣୀ ତାଙ୍କର
ଚିତ୍ରସେନ ଦୁହିତା
ସାଧ୍ୱୀ ପତିବ୍ରତା ସୁନ୍ଦରୀ
ନାରୀ-ରତନ ଚିନ୍ତା ।

ଏକଚ୍ଛତ୍ର ରାଜଦଣ୍ଡ
ଭଲ ମାନବ କାୟା
ଖଟିଥାନ୍ତି ସତୀ ପତିଙ୍କି
ଯଥା କାୟାକୁ ଛାୟା ।
ସର୍ବଗୁଣସିନ୍ଧୁ ଶ୍ରୀବତ୍ସ
ଶାନ୍ତା-ରାଣୀ ଜାହ୍ନବୀ
ଶ୍ରୀବତ୍ସ-ପ୍ରଶାନ୍ତହୃଦୟା —
କାଶେ କଳା ଝୀନବୀ ।
କଳ୍ପତରୁବର ଶ୍ରୀବତ୍ସ
ଶାନ୍ତା ପ୍ରେମ-ବଲ୍ଲରୀ
ନରପତି ପୁଣ୍ୟ ଅଙ୍କରେ
ଧୀତି ଶାନ୍ତା ସୁନ୍ଦରୀ ।
ସ୍ୱାମିସେବା ବ୍ରତ ନିୟମ
ଅଭ୍ୟାଗତ ପୂଜନ
ଦାନେ ଧ୍ୟାନେ ଦେବ ଅର୍ଚ୍ଚନେ
ଯାପେ ଶାନ୍ତା ଜୀବନ ।
ଏକାନ୍ତ ଈଶ୍ୱରଭକତ
ବେନି ପରାଣୀଙ୍କର
କରଥାନ୍ତି ସବୁ କରମେ
ବିଭୁପଦେ ନିର୍ଭର ।
ରାଜରାଣୀ ପୁଣ୍ୟପ୍ରଭାରେ
ସୁଖୀ ସକଳ ପ୍ରଜା

ବସୁମତୀ ବ୍ୟାପି ଉଡ଼ଇ
ତାଙ୍କ କୀରତି-ଧ୍ୱଜା ।
ଖଣ୍ଡପତିଙ୍କର ଏ ବିଶ୍ୱ—
ଲୀଳା ନଶ୍ୱର ଜାଣି
ଉଦ୍‌ଗତ ହୃଦୟେ ଯାପନ୍ତି
ଦିନ ନରେନ୍ଦ୍ର-ମଣି ।
ଦିନେ ଯଥାରୀତି ଉଠିଲ
ମର୍ଦ୍ଦନାନ୍ତେ ଭୂପତି,
ଲୀଳାସରେ ସ୍ନାନ ସକାଶେ
ବିଜେ କରୁଁ ଉଡ଼ିତ,
ଅଚମ୍ବିତେ ଅସି ପୁରତେ
ଉଭା ହେଲେ ତାଙ୍କର
କ୍ଷୀରୋଦକୁମାରୀ କମଳା,
ଶନି ରବିକୁମର ।
ଶୁଦ୍ଧ ଜାମ୍ବୁନଦ-ଗଉରୀ
ନାରାୟଣମୋହିନୀ,
ପାଶେ ଉଭା ସୂର୍ଯ୍ୟାନନ୍ଦନ
ନୀଳ ଜୀମୂତ ଜିଣି ।
ସଘନ ବିଦ୍ୟୁତ ବ୍ୟାପିଲା
କିବା ମହୀମଣ୍ଡଳେ ?
ହେମ ମରକତ ପ୍ରଭାରେ
ଚଉଦିଗ ଉଜ୍ଜ୍ୱଳେ ।

ଦେଖି ସସମ୍ଭ୍ରମେ ଶ୍ରୀବତ୍ସ
ଦିବ୍ୟ ଭକ୍ତିଭରେ
ପ୍ରଣମି ଅଦୂରେ ରହିଲେ
କୃତ ଅଞ୍ଜଳି କରେ ।
ପୁଚ୍ଛିଲେ ବିନମ୍ର ମଧୁର
ଭାଷେ ନୃପତିଳକ
"କି ଲାଗି ଅଗତ ତ୍ରୈଲୋକ୍ୟ—
ମାତଃ ! ଗ୍ରହନାୟକ ?"
ଉତ୍ତରିଲେ ସ୍ମିତ ଆନନେ
ଦେବ ସୂର୍ଯ୍ୟକୁମର
"ଆସିଅଛୁଁ ତବ ସକାଶେ *
ପ୍ରାଗ୍‌ଜ୍ୟୋତିଷ ଈଶ୍ୱର
ତୁମ୍ଭେ ନ୍ୟାୟବାନ ଧାର୍ମିକ
ବିଚକ୍ଷଣ ନୃପତି
କର ଏକ ଦ୍ୱନ୍ଦ୍ୱକଥାର
ସୁମୀମାଂସା ସମ୍ପ୍ରତି ।
ମୁହିଁ ଗ୍ରହାଧିପ ଶନିର
ଏ ଯେ କମଳାଳୟା
ଆମ୍ଭ ବେନି ମଧ୍ୟେ ଶ୍ରେଷ୍ଠ କେ
କହ କରି ସୁଦୟା ।"
ଶନିଙ୍କ ବଚନ ଶୁଣି—
ଘୋଷିତ ହୋଇ ବିରସ

* ପାଖେ

ଭାଳିଲେ ନରେଶ, ନିଶ୍ଚୟ
ଶେଷ ହେଲା ସର୍ବସ୍ୱ ।
ଶନୈଶ୍ଚରେ ଶ୍ରେଷ୍ଠ କହିଲେ
ରୁଷ୍ଟ ହେବେ କମଳା
କରିବେ ପଥର କାଙ୍ଗାଳ
ସ୍ୱଭାବେ ସେ ଚଞ୍ଚଳା ।
କମଳାଙ୍କୁ ଶ୍ରେଷ୍ଠ କହିଲେ
କୋପ ହେବେ ଶନିର
ରକ୍ଷି ନ ପାରିବେ ସେ କୋପୁଁ
ବ୍ରହ୍ମା ଶଙ୍କର ହରି ।
ଏ ବିଧି ବିବିଧ ଚିନ୍ତାରେ
ଚିନ୍ତାପ୍ରାଣବଲ୍ଲଭ,
କହିଲେ, "ଏ ତତ୍ତ୍ୱ ମୀମାଂସା
ଶୀଘ୍ର ନୋହେ ସମ୍ଭବ ।
ସମୟ-ସାପେକ୍ଷ ଅଟେ ଏ
ପ୍ରଶ୍ନ ସମସ୍ୟା ଘୋର
କାଲି ପ୍ରାତେ ବ୍ୟକ୍ତ କରିବି
ଯାହା ବକ୍ତବ୍ୟ ମୋର ।"
"ଅସ୍ତୁ ହେଉ" ବୋଲି କମଳା
ଶନି ହେଲେ ଅନ୍ତର
ସ୍ନାନ ଲାଗି ନୃପ ସଚିନ୍ତ—
ହ୍ରଦେ ଗମିଲେ ସର ।

ସ୍ନାନାନ୍ତେ ଶୁଙ୍ଖାନ୍ତେ ମହର୍ଷୀ
ପାଶେ ସବୁ ବୃତ୍ତାନ୍ତ
ଖାବର୍, ବିଷାଦେ ରହିଲେ
ପ୍ରାଗ୍‌ଜ୍ୟୋତିଷର ନାଥ ।
ଶୁଣି ସେ ବିଷମ ସମସ୍ୟା
ରାଣୀ ବିଷଣ୍ଣ ମନ
ବିଷାଦ-ବାରିଦ ଢାଙ୍କିଲା
ଗୃହୁ ଚନ୍ଦ୍ରବଦନ ।
ଥର ଥର ହୋଇ ଥଟିଲା
ଅଙ୍ଗ ସ୍ୱର୍ଣ୍ଣବଲ୍ଲରୀ
ଦର ଦର ଧାରେ ପଡ଼ିଲା
ନେତ୍ରୁ ଲୋତକ ଝର ।
ପୀବର ଉତ୍ତୁଙ୍ଗ ବକ୍ଷୋଜ—
ଚୁମ୍ବୀ ହୀରକହାର
ଘନ ଘନ ଶ୍ୱାସେ କମ୍ପିତ
ହେଲା ବାରକୁ ବାର ।
ଗଦଗଦ ଭାଷେ ଭାଷିଲେ
ସତୀ କାତରକଣ୍ଠେ,
"କେ ଜାଣେ ବିଧି କି ଲେଖିଛି
ଅମ୍ଭ ଲଲାଟପଟେ ।
ଅମରେ ଅମରେ ବିବାଦ
ତହିଁ ମଧ୍ୟସ୍ଥ ନର

ନୁହଇ ଏ ଶୁଭ ଲକ୍ଷଣ
କେବେ ପରମେଶ୍ୱର ।"
ପ୍ରେୟସୀ-ବତ୍ସଳ ନୃପତି
ପ୍ରିୟା କାତରବାଣୀ
ଶ୍ରବଣେ ମଧୁରେ କହନ୍ତି,
"ଚିନ୍ତା ନ କର ରାଣି ।"
ବାବୁଙ୍କ ଇଚ୍ଛାଟି ଅବଶ୍ୟ
ପ୍ରିୟେ ହେବ ପୂରଣ
ବୃଥା ଚିନ୍ତା କର ତହିଁରେ
ଅଛି କିବା କାରଣ ?
ଦୁଃଖ ସୁଖ ବେନି ମଧ୍ୟରୁ
ଯେବେ ଦେବେ ସେ ଯାହା
ସାଦରେ ସାନନ୍ଦେ ମସ୍ତକ
ପାତି ନେବାକୁ ତାହା,
ଦିଅନ୍ତୁ ଅମ୍ଭଙ୍କୁ ଶକତି
ଏହି ମାତ୍ର ପ୍ରାର୍ଥନା
ନ କରେ ଶ୍ରୀବତ୍ସ ତଲ୍ଲିନା
ଅଉ ଅନ କାମନା ।"
ଧୈର୍ଯ୍ୟଶୀଳା ଚିନ୍ତା ଧଇର୍ଯ୍ୟ-
ବଳେ ସଂଯମି ମନ
ଯଥାବିଧି ନିତ୍ୟକୃତ୍ୟରେ
କଲେ ଦିନ ଯାପନ ।

ଭ୍ରମିଲ ଭୂପତି ମାନସ
ଭ୍ରମ ଚିନ୍ତା-ତରଙ୍ଗେ
ସଚିନ୍ତିତେ ନିଶି ଯାପିଲେ
ଚିନ୍ତା ମହିଷୀ ସଙ୍ଗେ ।
ନ ଦିଶୁଁ ଉଜ୍ଜ୍ୱଳ ଅରୁଣୋ-
ଦୟେ ପ୍ରାଚୀ ସରଣୀ
ନ ଅପୁଁ ମହୀକି ଓଢ଼ାଇ
ଜବା ଫୁଲବରଣୀ ।
ନ ଲଭୁଁ ପେଚକ-କୀଚକ-
କୁଞ୍ଜେ ବାୟସଭୟେ
ନ ମୁଞ୍ଚୁଁ ପ୍ରକୃତି ସୁନୀଳ
ବେଶ ଭାନୁ ଉଦୟେ,
ନ ଫିଟୁଁ କମଳକଳିକା
ବାଳାରୁଣାଲିଙ୍ଗନେ
ନ ଲେଉଟୁଁ ସେ ଫୁଲ ରସିକ
ଭୃଙ୍ଗରାଜ ଚରଣେ
ନ ଲୁଚୁ ପ୍ରଭାତୀ ତାରକା-
ପ୍ରଭା ନୀଳ ଗଗନେ
ନ ଉଡ଼ୁଁ ଅମ୍ବରେ ଭରତ
ସୁମଧୁର କୂଜନେ
ନ କରୁଁ ପ୍ରଭାତ ବିଜୟ—
ବାଡ଼ି ଢାକ ପ୍ରହର

ନ ହରୁଁ ସରଘା ସୁମନ-
ପୁଞ୍ଜୁ ସୁମନସାର;
ତେଜ ତଳ୍ପ ସେ ଉଠିଲେ
ଇଷ୍ଟ ନାମ ସୁମରି
ସ୍ନାନ ଦେବ-ଅରଚନାଦି
ନିତ୍ୟକର୍ମ ଆଚରି ।
ବିଜେ କଲେ ସଭାସଦନେ
ପାତ୍ର ଅମାତ୍ୟ ସହ
ଝଟକେ ବାଳାର୍କ କିରଣେ
ତେଜପୁଞ୍ଜ ବିଗ୍ରହ ।
ରାଜଦଣ୍ଡ ଚଣ୍ଡପ୍ରଭାରେ
ଦୀପ୍ତ କରେ ରାଜିତ
ବିଲମ୍ବିତ ସ୍କନ୍ଧଦେଶରେ
ସ୍ୱର୍ଣ୍ଣ ଯଜ୍ଞୋପବୀତ
ଶାନ୍ତ ମହୋଜ୍ଜ୍ୱଳ ନିର୍ମଳ
ନୃପ ଶ୍ରୀମୁଖ-ଶଶୀ
ବିଷଣ୍ଣ ବାରିଦେ ଢାଙ୍କିଛି
ଚନ୍ଦ୍ରା ମହତୀ ମସୀ ।
କରି,ସୁମନ୍ତ୍ରଣା ମନ୍ତ୍ରୀଙ୍କ
ତୁଲେ ନୃପଶେଖର
ବିନା ବାକ୍ୟେ ହେବ ମୀମାଂସା
ଯଥା ଦେବଦ୍ୱନ୍ଦ୍ୱର,

ତାହାର ଅଣ୍ଟର୍ଯ୍ୟ ଉପାୟୁ
କରି ଉଦଘାଟନ
ଅଣାଇ ସୁବର୍ଣ୍ଣ ରଜତ
ବେଳ୍ପ ସିଂହଅସନ
ଯତନେ ବିବିଧ ରତନେ
କରାଇ ତା ମଣ୍ଡନ
ରାଜସିଂହାସନ ଉଭୟ
ପାର୍ଶ୍ୱେ କଲେ ସ୍ଥାପନ ।
ଦିବ୍ୟ ସିଂହାସନ ସୁରମ୍ୟ
କାରୁକାର୍ଯ୍ୟଶତ
ଦେଖି ସଭ୍ୟ ସହ ଶ୍ରୀଚନ୍ଦ୍ର
ହେଲେ ପରମ ପ୍ରୀତ ।
ଦେଖୁଁ ଦେଖୁଁ ସ୍ୱର୍ଗ ଅସିଲେ
ଶାସ୍ତ୍ରୀ ଗୃହପାଳୁମର
ଜ୍ୟୋତିର୍ମୟ ଦିବ୍ୟ ପ୍ରଭାରେ
ସଭା କରି ଭାସ୍ୱର ।
ଦକ୍ଷେ ସ୍ୱର୍ଣ୍ଣାସନେ ବସିଲେ
ଲକ୍ଷ୍ମୀ ସ୍ୱର୍ଣ୍ଣବରଣୀ
ବାମେ ବିକେ ରୌପ୍ୟ ଅସନେ
ଗୃହନାୟକ ଶଣି ।
ମଧ୍ୟ ସିଂହାସନ ନୃପତି
କୃତାଞ୍ଜଳିପୁଟରେ

ଯଥାବିଧି ପୂଜା ଅନ୍ତେ
ଦେବୀଙ୍କର ପଦୂରେ,
ଦଶ କୋଟି ଶିରକର
ଇଷ୍ଟ ହେଲେ ସମକ୍ଷେ
ମଳିଲା ମାନସ-ମାତଙ୍ଗ
ଗୁରୁ ଆଶଙ୍କା-ପଙ୍କେ ।
ତୃପ୍ତ ତପସ୍ଯାକଷଣ ନରେଶେ
ଦଶ ରବିନନ୍ଦନ
ପୃଚ୍ଛିଲେ, 'କେ ଅମ୍ଭ ଦେବୀରୁ
ଶ୍ରେଷ୍ଠ କହ ରାଜନ ।'
ଉତ୍ତରିଲେ ନୃପ ସସ୍ମିତେ
ସଙ୍କୁଚିତେ ସଭୟେ
"କସ ମୁଁ ଅଧିକ କହିବି
ଅଜ୍ ଏହି ବିଷୟେ ?
ଆସନ ସ୍ୱରୂପ ଜଗତେ
ଶ୍ରେଷ୍ଠତ୍ୱର ପ୍ରମାଣ
ବାମେ ସାଧାରଣ ବସଇ
ବାମେତରେ ପ୍ରଧାନ ।"
ନୃପତି ବଚନେ ନିଜକୁ
ଅପମାନିତ ମଣି
ହେଲେ ପ୍ରଜ୍ୱଳିତମୂରତି
କୋପ ପ୍ରଚଣ୍ଡେ ଶନି

ସ୍ଫୁରିଲା ଅରୁଣ ନୟନୁ
ଅଗ୍ନି ସ୍ଫୁଲିଙ୍ଗମାନ
ଘୂରିଲା ସେ ପୁଣି ବିକଟେ
କାଳଚକ୍ର ସମାନ
ଥରିଲା ସକ୍ରୋଧେ ସହସା
ନୀଳଜୀମୂତ ତନୁ
ଫଟିଲା କି ତପ୍ତ ତାମ୍ରର
ପ୍ରଭା କଳା ବଦନୁଁ ?
ବହିଲା ତପତ ଅନଳ-
ପ୍ରଭ ମୁହୁଃ ନିଶ୍ୱାସ
ଦହିଲା କି ନୃପପରାଣେ
ଉପୁଜାଇ ତରାସ ।
ନୃପେ ଦୃଢଶୋଧ ଦେବାକୁ
କରି ଦାରୁଣ ପଣ
ମ୍ଳାନମୁଖେ ସ୍ୱୀୟ କକ୍ଷକୁ
ଶନି କଲେ ଗମନ ।
ଶନିଗତି ଦେଖି ଭାଳନ୍ତି
ରାଏ ଭୟବିହ୍ୱଳେ
"ପଡ଼ିଲି ଏଥର ନିଶ୍ଚୟ
ଶନି-କୋପ-ଅନଳେ ।"
କମଳସମ୍ଭବା କମଳା
ମୁଖ-କମଳ ଫୁଲ୍ଲ

ରାଜ-ପୁରଗୃହେ ହୋଇଲା
ମହାଦରପୋତ୍‌ଫୁଲ୍ଲ ।
ହୋଇ ମହାତୁଷ୍ଟ ବୋଇଲେ
ନୃପେ ସମ୍ବୋଧି ମାତ
"ସତ୍ୟ ସତ୍ୟ ତୁମ୍ଭେ ପରମ
ନ୍ୟାୟବାନ ନୃନାଥ !
ହୋଇ ମହାପ୍ରୀତ ଦେଉଛୁ
ବର କର ଗ୍ରହଣ
ଯୋ ପ୍ରିୟନିବାସ ସତତ
ହେବ ତବ ସଦନ ।"
ବର ଦେଇ ଦେବୀ ଗମିଲେ
ବଇକୁଣ୍ଠ ଭୁବନ
ମାତ୍ର ହେଲା ରାଜ-ହୃଦୟ
ବେଶି ବେଳ ବିଷଣ୍ଣ ।
ନାହିଁ ସେହୁ ଦନ୍ତ ସୁତା'ଏ
ଶାନ୍ତି ନୃପ-ମାନସେ
ପ୍ରାଣ ରାଜଭୋଗେ ଅମୋଦେ
ରାଜକାର୍ଯ୍ୟେ ନ ରସେ ।
ଚିନ୍ତା ପର ଚିନ୍ତା-ଅନଳ
ଦହେ ଦିବସ ନିଶି,
କରନ୍ତି ପ୍ରବୋଧ ବହୁତ-
ରୂପେ ଚିନ୍ତା ମହିଷୀ ।

ମାତ୍ର ସେ ଲଳିତ ମଧୁର
ମୃଦୁ ମଞ୍ଜୁଳ ବାଣୀ
ତଳେ ହେଲେ ନୃପ-ହୃଦୟେ
ଶାନ୍ତି ନ ଦେଏ ଆଣି ।
ନାନା ଦୁର୍ଭାବନା ହୃଦୟ-
ରାଜ୍ୟେ କଲା ବସତି
ଦିନୁଁ ଦିନୁଁ କ୍ଷୀଣ ହୋଇଲା
ମନୋହର ମୂରତି ।
ଶନୈଶ୍ଚର କୋପ ସରଜି
'ଭୂପ-ଭାଗ୍ୟ'-ଗଗନେ
ଭୀଷଣ ଦୁର୍ଯୋଗ-ବତାସ
ସହବାସେ ପ୍ରଚ୍ଛନ୍ନେ
ବିପଦ-ବଜ୍ରାଗ୍ନି-ସନ୍ତାପ —
ତାପ ବରଷା ସହ
ନରପତି ଛିଦ୍ର ସନ୍ଧାନେ
ଦେଲେ ନିରତେ ଲକ୍ଷ୍ୟ

ଦ୍ୱିତୀୟ ସର୍ଗ

ରାଗ—ଚଳହଂସକେଦାର

ବଢ଼ଇ ନରପତି   ଚନ୍ଦ୍ରା-ଅନଳ
ଲୋଡ଼ଇ ଶନି ତାଙ୍କ   ଛିଦ୍ର କେବଳ ।
ଖଳର ରୀତି ସିନା   ଛିଦ୍ରାନ୍ୱେଷଣ
ମକ୍ଷିକା ଲୋଡ଼େ ଯଥା   ସୁସ୍ଥାଙ୍ଗେ ବ୍ରଣ ।
ଦଇବେ କରୁଁ ଦାନେ   ଶ୍ରୀବସ୍ତ୍ର ସ୍ନାନ
ଅଦ୍ଭୁତେ ଅସି ଏକ   କୃଷ୍ଣାଙ୍ଗ ଶ୍ୱାନ;
କଲା ଶ୍ରୀଅଙ୍ଗଧୌତ-   ଜଳ ଲେହନ
ତା' ଦେଖି ମହାଭୀତ   ହେଲେ ରାଜନ ।
ଅନୁମିଲେ ଶଭ୍ର   ଏ ଛିଦ୍ର ପାଇ
ହେଲେ ଶ୍ରୀଭକ୍ତ ପ୍ରାଗ-   ଜ୍ୟୋତିଷ-ସାଇଁ ।
ହୋଇଲା ବୃଦ୍ଧି ହ୍ରାସ   ଦିନକୁ ଦିନ
ସସାଗରାଧିପତି   ହୋଇଲେ ଦୀନ ।
ବିନା ଭୂକମ୍ପେ ପଡ଼େ   ଭୂତଳେ ଟଳି
ମେଢ଼ ମଣ୍ଡପ ଚନ୍ଦ୍ର—   ଶାଳା ଦେହଳି ।
ସିଂହଦ୍ୱାର ଅଟ୍ଟାଳି   ନାଟମନ୍ଦିର
ସୁରମ୍ୟ ହଂସପୁର   ଦୁର୍ଗ ପ୍ରାଚୀର;
ପଡ଼ିଲା ହସ୍ତିଶାଳ   ମାଡ଼ି ମେଦିନୀ
କଲା ଧ୍ୱଂସ ଅସଂଖ୍ୟ   କଣ୍ଠ-କରିଣୀ ।

ଅସଂଖ୍ୟ ମେଷ ଅଶ୍ୱ   ଉଷ୍ଟ୍ର ଗୋକୁଳ
ହୋଇଲେ କ୍ରମେ କ୍ରମେ   ସର୍ବେ ନିର୍ମୂଳ ।
ଶିଳ୍ପୀ କଳ୍ପନାତୀତ   ରାଜ-ଭବନ
ଏକେ ଏକେ ସକଳ   ହୋଇ ଭଗନ;
ହୋଇଲା ପରିଣତ   ଶିଳାସ୍ତୂପରେ
ଦୁର୍ଦ୍ଦର୍ଷ ଗ୍ରହ-ଗଣ   ଶନିକୋପରେ ।
ଅଭ୍ରତେ କେଉଁ ସ୍ଥାନ   ଦହେ ଅନଳ
ଦିଶଇ ଦିବା ରାତ୍ର—   ବର୍ଣ୍ଣ-ଧୂମଳ ।
ଅକସ୍ମାତ ହୁଅଇ   ଉଲ୍କା ପତନ
ଶୁଭେ ବିକଟେ କାଳ   ପେଚକସ୍ୱନ ।
ଅଚମ୍ବିତେ ରୁଧିର—   ଧାର ବରଷେ
ନକ୍ଷତ୍ରରାଜି ରବି-   ଛନ୍ନ ଦିବସେ ।
ଭୀମ ପୁଚ୍ଛକୁ ଟେକି   ଗଗନପଟେ
ଧୂମଳତନୁ ଧୂମ-   କେତୁ ପ୍ରକଟେ
ଭସ୍ମ ହୋଇଲା ଶସ୍ୟ-   ସ୍ୱର୍ଣ୍ଣଭଣ୍ଡାର
ଧ୍ୱଂସ ହୋଇଲା ଶ୍ୟାମ —   ଶିରୀ ଧରାର ।
ହାହାକାରେ ଚୌଦିଗ   ହୋଇଲା ପୂର୍ଣ୍ଣ
ହେଲେ ପରଜାକୁଳ   ସମ୍ବଳଶୂନ୍ୟ ।
ଉଠିଲା ପୁରେ ପୁରେ   କ୍ରନ୍ଦନରୋଳ
ହେଲା ଶ୍ରୀବତ୍ସ ନୃପ   ଚିତ୍ତ ବିଲୋଳ * ।

---

* ବର୍ତ୍ତମାନ

ନଗରେ ଉନ୍ମାଦନ   କରି ଭ୍ରମଣ
କଲେ ସ୍ୱଚକ୍ଷେ ସବୁ   ପର୍ଯ୍ୟବେକ୍ଷଣ ।
ଟଳିଲା ଟାଣପଣ   ଫାଟିଲା ବକ୍ଷ
ହୋଇଲେ ହତବୁଦ୍ଧି   ଚିନ୍ତା-ନାୟକ ।
ବିଷମ ବିଭୀଷିକା-   ସଙ୍କୁଳାର୍ଣ୍ଣବେ ।
ବିଭ୍ରମି ଚିତ୍ତ ଥୟ   ନ ହେଲା ଲବେ ।
ପରିଣୀ ଈଶ୍ୱରଙ୍କୁ   ଦେଖି ବ୍ୟାକୁଳ
ହୋଇଲା ପତିପ୍ରାଣା—   ପ୍ରାଣ ଅକୁଳ ।
ପରଜାପୁଞ୍ଜଦୁଃଖ   ଦେଖି କାତରେ
ମଜ୍ଜିଲେ ଚିନ୍ତା ରାଣୀ   ଚିନ୍ତା-ସାଗରେ ।
ଦେଖି ସପତ୍ନୀ ବଧୂ—   ମଣି ଦୁର୍ଦ୍ଦଶା
ସଙ୍ଗ ସରୋଜ-ମୁଖୀ   ହୋଇ ବିବଶା,
ମୁଞ୍ଚନ୍ତି ଦିବାନିଶି   ଲୋତକଧାର
ମୁଞ୍ଚି ବାରିଜେକ୍ଷଣା   ନିଦ୍ରା ଆହାର ।
ଶୀର୍ଣ୍ଣ, ସୁନ୍ଦର ତନୁ   ଦିନକୁ ଦିନ
ଗଣ-ସୁମନକାନ୍ତି   ହେଲା ମଳିନ ।
ପ୍ରେୟସୀ କାତରତା   ହେଲା ନୃପତି—
ଚିନ୍ତା-ଅନଳେ ପୂର୍ଣ୍ଣ   ଅଦ୍ଭୁତ ମତି ।
କହନ୍ତି ରାଏ, "ଚିନ୍ତା !   ଚିନ୍ତା ନ କର
ଧୀରେ ! ବିପତ୍ତିକାଳେ   ଧଇର୍ଯ୍ୟ ଧର ।
ଜନ୍ମିଲେ ମୃତ୍ୟୁ କେବେ   ନୋହେ ଖଣ୍ଡନ
ବୃଥା ବ୍ୟାକୁଳ ନୁହ   ପରାଣଧନ ।

କରମଫଳ ପ୍ରାଣୀ   କରଇ ଭୋଗ
ଦଇବୀ ମାୟା ଦିଏ   କା' ସହ ଯୋଗ ?
କର ପାରିବ କିଏ   ସେ ମାୟା ଅନ ?
ଫଳବିଧାତା * ସ୍ୱୟଂ   ଶ୍ରୀ ଭଗବାନ ।
ଇଚ୍ଛାମୟଙ୍କ ଇଚ୍ଛା   ଅଟଇ ଯାହା
କାହାର ବଳେ ହେବ   ଅନ୍ୟଥା ତାହା ?
ତାଙ୍କ ପୟରେ ମୋର   ସବୁ ନିର୍ଭର
ଶକତିବିହୀନ ମୁଁ   କର୍ତ୍ତା ଈଶ୍ୱର ।
ସମ୍ବର ଗର୍ବେ ଭ୍ରମ   ବହ୍ନି ଅନଳ
ବରଷେ ବାରିବାହ   ଯେସନେ ଜଳ
ଦେଖି ତାପିତ ଧରା   ତାପ ଯାତନା
ତଥା ଦିଅନ୍ତି ନୃପ   ପ୍ରିୟେ ସାନ୍ତ୍ୱନା ।
ମଲେ ଅସଂଖ୍ୟ ନର-   ନାରୀ ଦହନେ
କେତେ ବା ଅନାହାରେ   ଭିତ୍ତି ପତନେ;
କେତେ ବା ହୋଇ ଅସ୍ଥି-   ପଞ୍ଜର ସାର
ରହିଲେ ମାଷି ମଣି   ପରାଣେ ଭାର ।
ହୁଅଇ ଦିନୁ ଦିନ   ଘୋର ଉତ୍ପାତ
ଦେଖି ସକଳ ପ୍ରଜା   ହୋଇ ବ୍ୟାର୍ତ୍ତ;
କରନ୍ତି ଆର୍ତ୍ତନାଦ   ସିଂହ ଦୁଆରେ
ସେ ନାଦ ଶୁଣେ ନୃପ   ହୃଦ ବିଦାରେ ।

---

* ବିଧାତା — ବିଧାନକର୍ତ୍ତା

ଶନି-ମାୟାରେ ତାଙ୍କ   ଚିତ୍ତ ଚଞ୍ଚଳ
ପ୍ରଜା ଅବତ-ବାତେ   ହୋଇ ପ୍ରବଳ
ଉଡ଼ିଲା ଧୈର୍ଯ୍ୟମେରୁ   ତୁଳା ପରାୟେ
ବୁଡ଼ିଲେ ନଇଗଣ୍ୟ—   ସାଗରେ ରାୟେ ।
ପ୍ରଜାବତ୍ସଳ ଦେଖି   ପରଜା ଦୁଃଖୀ
ଉପନ୍ତ ରାଣୀପାଶେ   ହୋଇ ବିମୁଖ—
"ନାହିଁ ପ୍ରେୟସୀ ! ପ୍ରତ—   ଉପାୟ ଅଉ
ପ୍ରବଳେ ଗ୍ରହରାଜ   ସାଧିଲା ଦାଉ ।
ମୋ ଦୋଷୁଁ ରାଜ୍ୟ ପ୍ରଜା   ହୁଅନ୍ତି କ୍ଷୟ
ମୋ ପକ୍ଷେ ରାଜ୍ୟତ୍ୟାଗ   ଶ୍ରେୟଃ ନିଶ୍ଚୟ ।
ନାହିଁ ଅଯୁତେ ଚନ୍ଦ୍ରା,   ଚିତ୍ତ ମୋହର
ଜାଣୁଛି ଏହୁ ଇଚ୍ଛା   ଇଚ୍ଛାମୟର ।
ମୋର ଆଦେଶ ଏବେ   କର ଗ୍ରହଣ
ପିତୃ-ଆଳୟେ ପ୍ରିୟେ,   କର ଗମନ ।
ବାଞ୍ଛାକଳ୍ପପାରେ ଗ୍ରହ   ହେଲେ ଖଣ୍ଡନ
ହୋଇବ ତୁମ୍ଭ ସଙ୍ଗେ   ପୁନର୍ମିଳନ ।"
ନୃପ-ପୀଯୂଷ-ବାଣୀ   କୁଳିଶୁଁ ଟାଣ
ହୋଇ ଭେଦିଲା ଚନ୍ଦ୍ରା   ମହିଷୀ ପ୍ରାଣ ।
କମ୍ପି ଉଠିଲା ତନୁ-   ବିଦ୍ୟୁଲ୍ଲତିକା
କଞ୍ଜ-ସୁନ୍ଦର-ମୁଖ   ପଡ଼ିଲା ଫିକା ।
ହେଲା ହୃଦୟ ଭଗ୍ନ—   ଲିକା ଅକୁଳ
ଉଛୁଳିଲା ନେତ୍ରନୀରେ   ରତ୍ନ ଦୁକୂଳ ।

ବୋଇଲେ ଗଦଗଦ   ଭାଷେ ସୁନ୍ଦରୀ
କର-କମଳେ ପତି—   ପୟର ଧରି;—
"ଚରଣ-ଦାସୀକି ଏ   କଠୋରାଦେଶ
ଦିଅନ୍ତୁ ନାହିଁ ଦୟା—   ମୟ ପ୍ରାଣେଶ !
ଯେ ପଥେ ଗତି ସଖା —   ନରାଧିପତି
ଚଳିବେ ତହିଁ ତାଙ୍କ   ଦାସୀର ଗତି ।
ଭ୍ରମିବ ତୁମ୍ଭେ ଦେଶେ   ଦେଶେ ନିରଶେ
ଯିବ ମୁଁ ପିଚ୍ଛୁଳନ୍ତେ   କି ସୁଖ ଆଶେ ?
ଚନ୍ଦ୍ରାକୁ ଦେଲେ ଏହି   ଦାରୁଣ ଚିନ୍ତା
ହେବ କି ମହାରାଜ !   ତୁମ୍ଭେ ଅଚିନ୍ତା ?
ସେବିବି ସଙ୍ଗେ ସଙ୍ଗେ   ଥାଇ ଶ୍ରୀପଦ
ଶ୍ରୀପଦସେବା ମୋର   ସର୍ବ ସମ୍ପଦ ।
ଦୁଃଖ ସମୟେ ଥିବି   ତବ ନିକଟେ
ସମଭାଗିନୀ ହୋଇ   ସର୍ବ ସଙ୍କଟେ ।
ସହଗୃହିଣୀ ସହ—   ଧରମିଣୀ
କରିବାକୁ କୁଣ୍ଠିତ   ନାଥ, କାହିଁକି ?
ସଦୟେ ସଙ୍ଗେ ଘେନି   ଗମନ୍ତୁ ଏବେ
ମୋ ଯୋଗୁଁ ନ ଭୋଗିବେ   ବିପତ୍ତି କେବେ ।
ଏକସୂତ୍ରେ ଗ୍ରଥିତ   ନିବିଡ଼ ଛନ୍ଦେ
ଦମ୍ପତି ପ୍ରାଣ, ନାଥ !   ଦୈବନିର୍ବନ୍ଧେ
ପରସ୍ପରୁ ଅନ୍ତର   ସେ ଜାୟା ଧବ
ହୋଇଲେ ଶୁଭ ଶାନ୍ତି   ନୋହେ ସମ୍ଭବ ।"

ପ୍ରାଣ-ପ୍ରେୟସୀ ପ୍ରାଣ— କାତର କଥା
ଦେଲ ଶ୍ରୀବତ୍ସପ୍ରାଣେ ବିଷମ ବ୍ୟଥା ।
ବୋଇଲେ ଧୀରେ ତେଜି ଦୀର୍ଘ ନିଶ୍ୱାସ—
"ମୋ ତୁଲେ ଗଲେ ହେବ ବହୁ ଅୟାସ ।
ବିଳାସ ଲୀଳୋଦ୍ୟାନେ ହୋଇ ଲାଳିତା
ଆବାଲ୍ୟ ବଢ଼ିଅଛ ସୋହାଗେ ଶାନ୍ତା !
ଦୁର୍ବିଷହ ବିପଦ— ସଙ୍କୁଳ ପଥେ
କେମନ୍ତେ ଯିବ ପ୍ରିୟେ ! ନ ଲାଗେ ମତେ ।
କେସନେ ସୁକୁମାର ପଦ୍ମଣେ ସହି
ପାରିବ ପଥକଷ୍ଟ ପଦ୍ମିନୀ ସହି !
ଭ୍ରମିବ ମୁହିଁ ଯେମ ଭାଗ୍ୟ-ଆବର୍ତ୍ତେ
ଭ୍ରମି ପାରିବ କି ଗୋ, ମୋର ସଙ୍ଗତେ ?
ନିତାନ୍ତ ଯିବା ଇଚ୍ଛା ଯେବେ ତୁମ୍ଭର
ଧନ ରତନ କିଛି ସଂଗ୍ରହ କର ।
ସକଳ ଆଭରଣ ସର୍ବାଙ୍ଗୁ କାଢ଼ି
ପ୍ରିୟେ ! ଗଣ୍ଠିଲି ଏକ ବାନ୍ଧ ସଜାଡ଼ି ।
ପାଥେୟରୂପେ ତାହା ନେଇ ସଙ୍ଗରେ
ତେଜିବା ଏହି ପୁରି ଅଜ ରାତିରେ ।"
ଶୁଣି ମହିଷୀ ସତ କଲେ ବହନ
ଅଳପ ଭାର ବହୁ— ମୂଲ୍ୟ ରତନ ।
ହୋଇଛି ଗତ ବେଳା ଯାମ ଯାମିନୀ
କାଳ ତମିର ଢାଙ୍କି ଅଛି ମେଦିନୀ ।

ନୀରବ ସ୍ତବ୍ଧ ଶୂନ୍ୟ ସକଳ ପୁର
ଦୂରେ ଛାଡ଼ନ୍ତି ରଡ଼ି ଶିବା କୁକ୍କୁର ।
ଛାପି ପାଥେୟ ରତ୍ନ ମସ୍ତକୋପରେ
ମହର୍ଷୀ-କର କର— କମଳେ ଧରି;
ଅନ୍ତରେ ଇଷ୍ଟନାମ କରି ସ୍ମରଣ
ନବରୁ ବହିର୍ଗତ ହେଲେ ସ୍ୱଜନ ।
ଚିରପ୍ରିୟ ସୁଖର ରମ୍ୟ ଆବାସ
ଦେଖିଲେ ଚନ୍ଦ୍ରାକାନ୍ତ ହୋଇ ନିରାଶ ।
ପ୍ରାଣ-ପ୍ରେୟସୀ-ଚନ୍ଦ୍ରା ମହର୍ଷୀ ତୁଲେ
ବିଷମ ବ୍ୟଥାଭରି ପରିଣାକୁଳେ ।
ଉଗ୍ରାନ୍ତକୁଳ-ଦର୍ପ— ଦଳା କେଶରୀ
ଭୀଷଣ ଦାବାନଳ ଦର୍ଶନେ ଥରି
ଶୃଙ୍ଖଳ୍ୟହୃତ୍ତ ଚଳ— ଚଢ଼େ ଯେସନ
ବରଜେ ପ୍ରିୟା ସଙ୍ଗ ପ୍ରିୟ କାନନ ।
ନିବିଡ଼ ଅନ୍ଧକାରେ ଗଜଦମ୍ପତ
ନୀଳ ଗଗନପଟେ ତାରକାପନ୍ତି;
ନିଶୀଥିନୀର ସାଇଁ ସାଇଁ ଗର୍ଜନ
ନିସ୍ତୁତେ ଭୀତିପ୍ରଦ ଝିଲ୍ଲୀ ନିଃସ୍ୱନ ।
ଶୁଭ୍ର ସୁବର୍ଣ୍ଣପ୍ରଭ ନୃପତିପ୍ରଭା
ସଙ୍ଗେ ରମଣୀରତ୍ନ ଦେବଦୁର୍ଲ୍ଲଭ;
ରତ୍ନ ପାଥେୟ ଶିରେ ଶୁକଳ ବାସେ
ସ୍ୱର୍ଣ୍ଣ ଭୂଧରେ ହିମ— ଶୃଙ୍ଗ କରା ସେ ।

ଘନ ଘନ ନିଶ୍ୱାସ   ବହେ ପ୍ରବଳ
ଦାହଇ ମନ-ବନ   ନୈରାଶ୍ୟାନଳ ।
ଥରଇ ପାଦଗଢ   ଥରକୁ ଥର
ରଖଇ ଝରି ଅବା   ଝରି ପୟର ।
କରି କୁଣ୍ଠେ ଥୋକେ   ପଥ ଗମନ
ପୁଣି ପଛକୁ ଫେରି-   ଇଲେ ନୟନ ।
ରାଜ-ପୁରୀର ଭଗ୍ନ—   ସ୍ତୂପକୁ ଚାହିଁ
ଆଉ ଆଗକୁ ପାଦ   ଚଳିଲା ନାହିଁ ।
ହେଲା ଅବଶ ତନୁ   ଶୋକ-ଆବେଗେ
ଅସ୍ତ-ବ୍ୟସ୍ତ ହୋଇ   ଭୂତଳେ ବେଗେ
ଚିତ୍ରପ୍ରତିମା ପରି   ବେନି ପଟରାଣୀ
ବସି ପଡ଼ିଲେ ଗଣ୍ଡେ   ନିବେଶି ପାଣି ।
ପ୍ରାଗ୍‌ଜ୍ୟୋତିଷ ଈଶ୍ୱର   ଶ୍ରୀବସ୍ତ୍ରଙ୍କ
ପଛମହିଷୀ ଚନ୍ଦ୍ରା—   ଙ୍କର ଅବର,
ସେକାଳେ ପ୍ରାଣେ ହେଲା   ଯେଉଁ ଅୟାସ
ବର୍ଣ୍ଣିବା ନୁହଇ କି   ବୃଥା ପ୍ରୟାସ !
ସକଳ ରାଜପୁର   ଲଭି ବିଲୟ
ଥିଲା ତାଙ୍କର ଏକ—   ମାତ୍ର ଆଶ୍ରୟ ।
ଏହି ଦୁର୍ଦ୍ଦିନେ ଯେଉଁ   ରମ୍ୟ ସଦନ
ସହସା ବଜ୍ରନାଦେ   ହେଲା ପତନ,
ଅସ୍ତବ୍ୟସ୍ତ ତେଜି   ସେ ଭୀମନାଦେ
ଉଠିଲେ ରାଜା ରାଣୀ   ଭୟେ ବିଷାଦେ ।

ଅନଳ ଅଦ୍ରବଣ— ଧ୍ୱଂସୀ ଗର୍ଜ୍ଜନେ
ତ୍ରସ୍ତ ଚକିତ ଯଥା ଦ୍ରୁଅନ୍ତ ଜନେ,
ପୂର୍ଣ୍ଣେ ସେ ପରିତ୍ୟକ୍ତ ନଗର ପ୍ରାନ୍ତ
ବିଦଗଧ ହୃଦୟେ ରାଜଦମ୍ପତି
ସ୍ରୋତେ ମାନବ ଗୃହୀଁ ଦୁର୍ଦ୍ଦୈବ କୃତେ ୧
ଶେଷ ଦୃଷ୍ଟି ପକାଇ ଗମିଲେ ଦ୍ରୁତେ ।
ଏକାଳେ ଅବତୀର୍ଣ୍ଣା ହେଲେ ସମ୍ମୁଖେ
ବିଷ୍ଣୁବଲ୍ଲଭା ଲକ୍ଷ୍ମୀ ପ୍ରସନ୍ନମୁଖେ
ଦେବାକୁ ଶାନ୍ତି ନୃପ ଦଗ୍ଧ ହୃଦୟେ
ମୂର୍ତ୍ତିମତୀ କରୁଣା କିବା ଉଦୟେ ।
ଭୀତ ଚକିତ ରୂପେ ଦେଇ ଅଭୟ
ବୋଇଲେ ଦେବୀ—"ବତ୍ସ ନ କର ଭୟ ।
କର ନିର୍ଭୟେ ବନ— ପଥେ ଗମନ
ରକ୍ଷକ ତୋର ସ୍ୱୟଂ ମଧୁସୂଦନ ।
ଯେବେ ଯହିଁକି ରୁହ କରିବୁ ଗତି
ଥିବ ଅଲକ୍ଷ୍ୟେ ଛାୟା ପ୍ରାଏ ତୋ କତି ।
ଗ୍ରହଦୋଷରୁ କିଛି ସମୟ ଦୁଃଖ
ଲଭି, ଲଭିବ ପୁଣି ସ୍ୱରାଜ୍ୟ-ସୁଖ ।"
କହି କମଳା ହେଲେ ଅନ୍ତରହିତା
ଗମିଲେ ବନପଥେ ଶ୍ରୀବତ୍ସ ଚିନ୍ତା ।
ଶନି କୋପରୁ କର ସର୍ବସ୍ୱ ନଷ୍ଟ ୨

---

୧ ଦୁର୍ଦ୍ଦଶା ଭୟରେ, ୨ ଭ୍ରଷ୍ଟ

ମାତ୍ର ଅଲକ୍ଷ୍ୟେ ସଙ୍ଗେ ଗଲା ଅଦୃଷ୍ଟ ।
ଏବେ ଦୁର୍ଗମ ଘୋର ଦୁର୍ଭେଦ୍ୟ ବନ
ଦୁଏ ଧରଣୀ ଗାଢ଼ ତମିସ୍ରାଚ୍ଛନ୍ନା;
କୋଳାହଳସଙ୍କୁଳ ଦିବସୁ ମୁକ୍ତ
ଲଭି ଗମ୍ଭୀର ଶାନ୍ତ— ମୟୀ ପ୍ରକୃତି ।
କରେ ଚହଳ ମାତ୍ର ଥରକୁ ଥର
କ୍ରୂର ବିକଟ ରଡ଼ି ଶ୍ୱାପଦଙ୍କର ।
ସେ ରବେ ପ୍ରତିଧ୍ୱନି କାନନ ଘୋର
ବଜାଏ କାଳ-ସ୍ୱନି ବିଜୟ ଭେରୀ ।
ଦର୍ପଣ ଭିତ୍ତିମୟ ବଡ଼ ବଡ଼ଶ୍ରୀ
ଦର୍ପେ ଝଟକେ ଯା'ର ପ୍ରଭାକୁ ଲଭି ।
ସୁରଭି ସୁକୋମଳ ଫୁଲ୍ଲ କମଳ
ଯା ଶୁଭ୍ର ଚରଣର ଉପମାସ୍ଥଳ ।
ଅରବିକରସ୍ପର୍ଶା ସେ ଦେବୀ ଚିତ୍ରା
ଲାବଣ୍ୟମୟୀ ଚିତ୍ର— ସେନ ଦୁହିତା
କଣ୍ଟକାକୀର୍ଣ୍ଣ ଶିଳା — କଙ୍କରମୟ
ହୀମାରଣ୍ୟେ ଭ୍ରମନ୍ତ ପତିଙ୍କ ସହ ।
କଷ୍ଟାନ୍ଦ୍ରକଣା ଗତି ଚଞ୍ଚଳ କରି
ଗର୍ଭଭାରଅଳସୀ ମରାଳୀ ପରି;
କରନ୍ତି ଗତି ସତୀ ଅତି କ୍ଳେଶରେ
କଣ୍ଟକାଙ୍କୁର ଫୁଟେ 'ଶୁଭ୍ର ପଦ୍ମରେ ।

ତୃତୀୟ ସର୍ଗ

ରାଗ – ଅଷାଢ଼ ଶୁକ୍ଳ

ଚିନ୍ତା ସଙ୍ଗତେ ଶ୍ରୀବତ୍ସ ରାଜନ
ଘୋର ବନମାର୍ଗେ କରନ୍ତି ଗମନ
ଦେଖିଲେ ସମ୍ମୁଖେ ଏକ ସନ୍ଦର୍ଭ *
ନଦୀ ବହଇ ଭେଦ ବନଗର୍ଭ
ଅକଳିତ ଜଳ
କଳି ନୁହଇ ତୀର କୂଳ ଥଳ ।
ଦେଖି ନୃପତି ସାହସ ଉଡ଼ିଲା
ଚିନ୍ତା-ସାଗରେ ମାନସ ବୁଡ଼ିଲା;
ଅପାର ଜଳ ହୋଇବାକୁ ପାର
ଦିଶିଲା ନାହିଁ ଲବେ ପ୍ରତିକାର;
ବସି ନଦୀକୂଳେ
ରୋଦନ କଲେ ଚିନ୍ତାରାଣୀ ତୁଲେ ।
ଭୀଷଣ ଦାବ ଅନଳ ଉଦୟେ
କରନ୍ତି ଦ୍ରୁତେ ଗତି ଚକିତେ ଭୟେ
ଅକସ୍ମାତ ବ୍ୟାଧଜାଲେ ପତିତ

---

* ବନ୍ଧାର

ପ୍ରାଣ ଅତଙ୍କେ ଛନ ଛନ ଚିତ୍ତ
କୁରଙ୍ଗ ପରାଏ
ଗୃହାନ୍ତ ଚଳଦଗେ ନରରାଏ ।
ଯେସନ ନିଦାଘ ଚଣ୍ଡାଂଶୁତାପେ
ଭ୍ରମି ଭ୍ରମ ମରୁଭୂମେ ସନ୍ତାପେ
ଶୁଷ୍କକଣ୍ଠ ତାଳୁ ତୃଷିତ ପାନ୍ଥ
ଲୋଡ଼ଇ ପୟଃ ହୋଇ ଅତ ଅସ୍ଥି
ତେସନ ନୃପତି
ଲୋଡ଼ନ୍ତ ତସ୍ୱ ଗୃହୁଁ ଚଳନ୍ତି ।
ସହସା ନରନାଥ ଆଶାପଥ
ଉଜ୍ଜ୍ୱଳ ଏକ ବୃଦ୍ଧ କଇବର୍ତ୍ତ;
ତରଣୀ ବାହି ତରଙ୍ଗିଣୀ ବକ୍ଷେ
କୂଳେ ଶ୍ରୀବତ୍ସ ନରେଶ ସମକ୍ଷେ
ଲଗାଇଲା ଆଣି,
ଦେଖି,ଆଶ୍ୱସ୍ତ ହେଲେ ରାଜା ରାଣୀ ।
ବିଲୋକି ଗଗନେ ନବ ନୀରଦରେ
ଯାଚକ ଚାତକ ପରି ଅଧୀରେ,
କହନ୍ତି ରାଏ ନାବିକଙ୍କୁ ଗାଇ
"ସଦୟେ ପାରି କରିଦିଅ ଭାଇ !
ଦେବି ମୁଁ ନିଶ୍ଚିତ
ଯାହା ତବ ପ୍ରାପ୍ୟ ପଣ ଉଚିତ !"
ଶୁଣି ଉତ୍ତର କଲା କର୍ଣ୍ଣଧାର

'କେ ତୁମ୍ଭେ ରମଣୀ ଘେନି କାହାର,
ଏ ନିର୍ଜନ ସ୍ଥାନେ ଏତେ ରାତ୍ରରେ
ରହିଛ ବସି କେଉଁ ଉଦ୍ଦେଶ୍ୟରେ
କେଣେ ବା ଯାଉଛ,
ଏହି ଗଣ୍ଠିଲରେ କିସ ନେଉଛ ?
ଦେଖି ସନ୍ଦେହ ହୁଅଇ ମୋହର
ଅନୁମାନେ ଅସେ ତୁମ୍ଭେ ତସ୍କର
କାହାର ନାରୀରତନ ଚୋରାଇ
ଅରଣ୍ୟପଥେ ଯାଉଛ ପଳାଇ,
ସତ କର କହ
ନ ଛାଡ଼ିବି ନ ଦେଲେ ପରିଚୟ ।'
ବୋଇଲେ ଖେଦଗମ୍ଭୀରେ ଶ୍ରୀବତ୍ସ,
"ନାବିକ ଭାଇ ! ପୂର୍ବ୍ବେ ଶୁଣିଅଛ
ଯେଉଁ ଶ୍ରୀବତ୍ସ ନରପତି ନାମ
ମୁଁ ଅଟେ ସେହି, କର୍ମ ହେଲା ବାମ,
ଏ ମୋର ବନିତା
ଚିତ୍ରସେନ ରାଜନନ୍ଦନୀ ଚନ୍ଦ୍ରା ।
ଦୈବଦୁର୍ବିପାକେ ହୋଇ ପତନ
ଭ୍ରମୁଛୁଁ ବନପଥେ ବେନି ଜନ
ବହୁତ ବେଳୁଁ ତରଙ୍ଗିଣୀତଟେ
ବହୁଛୁ ବସି ବଡ଼ ଶୀତକଷ୍ଟେ
ଦୟା ବହି ଭାଇ !

ଅର ପାବରେ ଦିଅ ପଠାଇ ।”
ଶ୍ରବଣେ ଅଳପ ହସି ବିଦ୍ରୂପେ
ପୁଣି କର୍ଣ୍ଣଧାର କହଇ ନୃପେ
“ଏ କି ମହାରାଜ ! ଅଛନ୍ତି ତବ
ଅମାତ୍ୟବରଗ ବନ୍ଧୁ ବାନ୍ଧବ,
ଏ ବିପତ୍ତିକାଳେ
କି ପାଇଁ ସହାୟ ନ ହେଲେ ତଳେ ?”
ବୋଇଲେ ଭୂପ “ସେ ସକଳ କଥା
ଉଠାଇ ନ ଦିଅନ୍ତୁ ବୃଥା ବ୍ୟଥା,
ସମ୍ପଦକାଳେ ସର୍ବେ ଆପଣାର
ବିପଦେ କେହି ନୁହଇ କାହାର,
କେବଳ ସ୍ୱଧର୍ମ
ରକ୍ଷା କରେ ହୋଇ ଅଭେଦ୍ୟ ବର୍ମ ।
ଦେଖ ସୁପକ୍ୱ ରସାଳ କୋଟରେ
ପକ୍ଷୀଏ ବେଢ଼ିଥାନ୍ତି ଉତ୍ସବରେ,
ଜାଣି ଦିବସ ନ ଛାଡ଼ନ୍ତି ଲେଶ
ଯାଆନ୍ତି କେଣେ ଫଳ ହେଲେ ଶେଷ,
ଭୁଲି ପୂର୍ବପ୍ରୀତି
ସ୍ୱାର୍ଥପର ସଂସାରର ଏ ରୀତି ।”
ଶୁଣି ଧୀବର ହସି ମନେ ମନେ
କହେ ନୃପଙ୍କୁ ଗମ୍ଭୀର ବଚନେ
“କରନ୍ତୁ ବିଲୋକନ ମହାଶୟ,

ଏ ମୋର ତରୀ ଜୀର୍ଣ୍ଣ ଅତିଶୟ
କଲେ ଅବରୋହଣ
ବେଳା ଜଣୁଁ ବେଣୀ ହେବ ମଗନ ।
ଯେବେ ତୁମ୍ଭେ ଦୁହେଁ ହୋଇବ ପାର
ଗଣ୍ଡିଲ ରଖିଥାଅ ଏହିଠାରେ
ପରେ ମୁଁ ଏହା ଦେବି ପାର କରି
ଏଥିରେ ଯେବେ ଆପତ୍ତି ତୁମ୍ଭର
କହନ୍ତୁ ପ୍ରକାଶ୍ୟେ
ଗଣ୍ଡିଲ ଅଗ୍ର ରଖିଦେଇ ଅସେଁ ।"
ଶୁଣି ନୃପତି କରୁଁ ସନମତି
ଗଣ୍ଡିଲ ଥୋଇ ତରୀରେ ତ୍ୱରିତ
ଦ୍ରୁତେ କର୍ଣ୍ଣଧାର ଧରି କ୍ଷେପଣୀ
ନଦୀଗର୍ଭକୁ ବାହିଲା ତରଣୀ
ସନ୍ତୁଷ୍ଟ ନୟନେ
ସେ ପଥେ ଚାହିଁଛନ୍ତି ବେନି ଜନେ ।
ସହସା ଦେଖୁଁ ଦେଖୁଁ ସେ ସରିତ
ସେହୁ ଧୀବର ତରଣୀ ସହିତ
ରାଜା ରାଣୀଙ୍କର ପଟସମ୍ବଳ
ରତନ ଗଣ୍ଡିଲ ଆଦି ସକଳ
ହୋଇଲା ଉଭାନ
ଗଗନେ ଶକ୍ରକୋଦଣ୍ଡ ସମାନ ।
କହନ୍ତି ଭୂପ କରି 'ହାୟ ! ହାୟ' ।

ଏ କିସ ହେଲା ଭୋଜବାଜି ପ୍ରାୟ
ନିଷ୍ଠୁର ଶନି ମାୟାରୂପ ଧରି
ମାୟା-ତରଙ୍ଗିଣୀ ସର୍ଜନା କରି
ଆମ୍ଭଙ୍କୁ ବଞ୍ଚନ
କରି ହରିଲା ପାଥେୟ ରତନ ।”
ସ୍ୱନେନେ ସ୍ୱଣୀ ଦେଖି ଏହି ଦୃଶ୍ୟ
ଥରି ଟରି ରମ୍ଭାପତ୍ର ସଦୃଶ
କରବଲ୍ଲିସି ଛନ୍ଦ ପଡ଼ିଗଲେ
ଚରନ୍ତି ଗମନ ଭୟବିହ୍ୱଳେ
ବହୁ ପର୍ଯ୍ୟଟନେ
ପ୍ରବେଶ ହେଲେ ଶିବଧ୍ୱଜ ବନେ ।
ସେ କାଳକୁ ପ୍ରଭାତିଲୁ ରଜନୀ
ପ୍ରାଚୀପୁରେ ବିଜେ ଦିନମଣି
ଫୁଲି ତରୁଣ ଅରୁଣକିରଣ
ଫୁଟକ ଦିଶନ୍ତି ଦିଗ୍‌ବଧୂଗଣ
ପାଟଳ ପାଟଳ
ପାଟ ପିନ୍ଧିଲା ପରି ଏ ଉଜ୍ଜ୍ୱଳ ।
ବିନ୍ଦୁ ବିନ୍ଦୁ ଫୁଲ ପଡ଼େ ଶିଶିର
ଅବା ସେ ମୁକ୍ତାଦାମ ଶଶୀର
ପ୍ରଭାତ ସମ୍ରାଟ ଆଗମ ଦେଖି
ପଳାଇ ଯାଇଛି ଭୟେ ଉପେକ୍ଷି ।
ଅବା ବିଶ୍ୱପତି

କରୁଣା-ସୁଧା ସିଞ୍ଚି ଦେଉଛନ୍ତି !
ଗାଇ ପ୍ରଭାତ ବିଜୟ-ଉତ୍ସବ
ଯାଆନ୍ତି ନୀଡ଼ ତେଜି ପକ୍ଷିସବ
ଅଦୂରୁ ଗୁଞ୍ଜରି ଗୁଞ୍ଜରି ଅଳି
କମଳକୁଞ୍ଜରେ କରନ୍ତି ଅଳି
ଗୁଣୁ ଗୁଣୁ ସ୍ୱରେ
କରନ୍ତି ମଧୁପାନ ମଧୁକରେ ।
ଖେଳଇ ପୁଷ୍ପକୁମାରୀଙ୍କ ସହ
ମଳୟାନିଳ ପରିମଳମୟ
କାହାକୁ ବୃନ୍ତ ଉପରେ ନଚାଏ
କାହାକୁ ମହୀ ଅଙ୍କରେ ଲୋଟାଏ
କାହା ସଉରଭ
ନେଇ ସୌରଭେ ପ୍ରସୃରେ ବିଭବ ।
କାନନଚାରୀ ମୃଗମୃଗୀଗଣେ
ଦେଖି ନୃପେ ଭୟଚକିତ ମନେ
ପଳାଇଯାଉଁ ଅଛ ତରତରେ
ପଛକୁ ଗ୍ରୀବା ଭଙ୍ଗି ଥରେ ୧ରେ
ଦେଉଥାନ୍ତି ଦୃଷ୍ଟି
କବଳିତ ତୃଣାଙ୍କୁର ଟେକିବାଇ ।
କାନନ ମଧ୍ୟେ ଦିବ୍ୟ ସରୋବର
ସ୍ଫଟିକ ପ୍ରାୟେ ଜଳ ମନୋହର
ସୌନ୍ଦର୍ଯ୍ୟ ବିବିଧ କାନନ ଫୁଲ,

ଫୁଟି ଦିଶଇ ଅପୂର୍ବ ମଞ୍ଜୁଳ
ଅବା ତାରାପନ୍ତି—
ମଣ୍ଡିତ ନୀଳନଭେ ତାରାପତି !
ଦେଖି ସେ ରମଣୀୟ ସ୍ଥାନ ଚନ୍ଦ୍ରା
କହନ୍ତି କାନ୍ତେ ହୋଇ ଅତି ପ୍ରୀତା,
"ସମସ୍ତ ସର୍ବ ପର୍ଯ୍ୟଟନେ ନାଥ !
ହୋଇଛ ତୁମ୍ଭେ ସାତିଶୟ ଶ୍ରାନ୍ତ
ଏ ସ୍ଥାନେ ବିଶ୍ରମ
ହେଉ କିଞ୍ଚିତ ଶ୍ରମ ଉପଶମ ।
ଅଛ ଏ ସରସୀରେ କରି ସ୍ନାନ
ତୋଳି ଏ ଅରଣ୍ୟ ସୁମନମାନ
ଏହି ବନ୍ୟଫଳ ସଂଗ୍ରହ କରି
ଏ ବିଜନ ବନେ ପରାଣ ଭରି
ପୂଜିବା ସ୍ୱଇଷ୍ଟ
ହୋଇବ ଖଣ୍ଡନ ସକଳ ରିଷ୍ଟ ।"
ପ୍ରାଣପ୍ରେୟସୀ ପ୍ରୀତିପୂର୍ଣ୍ଣ କଥା
ଶ୍ରବଣେ ଭୂପ ଭୁଲି ସର୍ବ ବ୍ୟଥା
ଖୋଜି ଆଣିଲେ ଭ୍ରମି ବନେ ବନେ
କିଛି ଫଳମୂଳ ଅଳପ କ୍ଷଣେ
ତଦନ୍ତେ ସରସୀ—
ଶୀତଳ ନୀରେ ସ୍ନାନ କଲେ ପଶି ।
ଧରମପ୍ରାଣ ଶ୍ରୀବତ୍ସ ନୃପତି

ସହ ଚିନ୍ତା ସହଧର୍ମିଣୀ ସତୀ
ତୋଳି ନାନା ପୁଷ୍ପ ଅର୍ଘ୍ୟ ବସନେ
ଦେବେବରଙ୍କରେ ପ୍ରସନ୍ନମନେ
ଏକାଗ୍ର ଚିତ୍ତରେ
ଇଷ୍ଟ ପୂଜନ୍ତି ପ୍ରୀତିଭକ୍ତିଭରେ ।
ପରମ ପ୍ରୀତିରେ ପରମାନନ୍ଦ
ପୂଜା ଲଭିଲେ ପରମ ଆନନ୍ଦ
ଭୁଲିଗଲେ ରାଜସୁଖ ସମ୍ପଦ
ଭୁଲିଗଲେ ଗତ ରାଜବିପଦ
ଫଳ ମୂଳାଶନେ
ତୁଚ୍ଛ ରାଜଭୋଗ ମଣିଲେ ମନେ ।
କଣ୍ଠିତ କ୍ଲାନ୍ତି ହରି ସ୍ନାନାଶନେ
ଭକ୍ତବନ୍ଧୁନାମ ସୁମରି ମନେ
ସଜାଡ଼ି ଶ୍ଲଥ କୁନ୍ତଳ ବସନ
ସାହସେ ହୃଦୟୁ କରି ବନ୍ଧନ
ପୁଣି କଲେ ଗତି
ନିରୁଦ୍ଦିଷ୍ଟ ଚିତ୍ତେ ରାଜଦମ୍ପତି ।
ବିବିଧ ଗିରି କନ୍ଦର କାନ୍ତାରେ
ବିବିଧ ତଟିନୀ ସର କାସାରେ
ବିବିଧ ପାଦପ ବଲ୍ଲରୀଗଣେ
ବିବିଧ ବର୍ଣ୍ଣ ସୁରଭି ସୁମନେ
ବିମଣ୍ଡିତ ବନ

ବିଲୋକି ବେନି କରନ୍ତି ଗମନ ।
ମହେଶସମ ମହୀଧରମାନେ
ଅଛନ୍ତି କିବା ମଗ୍ନ ମହାଧ୍ୟାନେ
ଝରେ କି ତାଙ୍କ ସତ୍ତ୍ୱତେଜୋରାଶି
ଝର୍ଝରେ ନିର୍ଝରରୂପ ପ୍ରକାଶି
ଝଙ୍କ ଝଙ୍କା କରେ
ଝଳିତ ରୌପ୍ୟ ସମ ସୌରକରେ ।
ନିବିଡ଼େ ନୀରନ୍ଧ୍ରେ ତରୁବ୍ରତତୀ
ଛନ୍ଦାଛନ୍ଦ ଭାବେ ରହିଅଛନ୍ତି
ମିଶାଇ ଶିରେ ଶିର, ପତ୍ରେ ପତ୍ର
ଅନନ୍ତପଥେ ଠେକିଛନ୍ତି ଛତ୍ର
ନାହିଁ ପଥ ଲେଶ
ରବିରଶ୍ମି କରିବାକୁ ପ୍ରବେଶ ।
ସେହି ଅନନ୍ତ ପଲ୍ଲବସାଗରେ
ବିକ୍ଷେପି ତରଙ୍ଗ ତରଙ୍ଗ ପରେ
ବହିଯାଏ ସମୀରଣ ସଘନେ
ବଢ଼ାଇ ପତ୍ର ମର୍ମର ନିଃସ୍ୱନେ
କୁଞ୍ଜପୁଞ୍ଜେ ରଙ୍ଗେ
କ୍ରୀଡ଼ଇ କୃଷ୍ଣସାର କାନ୍ତା ସଙ୍ଗେ ।
ତାଳି ଲଳିତ ମଧୁର କାକଳୀ
ଭିନ୍ନ ଭିନ୍ନ ବନ୍ୟ ବିହଙ୍ଗାବଳୀ
ଶାବକକୁଳେ ଦେନି ନୀଡ଼ଦୋଳେ

ଦୋଳୁଥାନ୍ତି ମୃଦୁବାୟୁହିଲ୍ଲୋଳେ
ବିଲୋକି ସେ ଶୋଭା
ବସୁମତୀପତି ମାନସଲୋଭା ।
ସୁନୀଳ ପ୍ରଶାନ୍ତ ସାଗରଶୋଭା
କଲେହେଁ ସାଂଯାତ୍ରିକ-ମନଲୋଭା
ବାତ୍ୟାବିଘୂର୍ଣ୍ଣିତ ତରଙ୍ଗେ ତ୍ରସ୍ତ
ନ ହୁଅଇ କି ? ତଥା ବନପଥ
ସୁରମ୍ୟ ହେଉ ତ କି
ଦୁର୍ଗମ ଶଙ୍କାସଙ୍କୁଳ ତେତେକି ।
ଦାମ୍ଭିକ ଦିଗ୍ବିଜୟୀ ବୀର ପ୍ରାୟ
ବିସ୍ତାରିତ କରି ବିରାଟ କାୟ
ଭୀଷଣ ବିକଟ ଶ୍ୱାପଦଗଣେ
ନିର୍ଭୟେ ନିଃଶଙ୍କେ ସେ ଘୋରବନେ
କରନ୍ତି ଭ୍ରମଣ
କରି ବିକଟ ଭୈରବ ଗର୍ଜନ ।
ସେହି ଶ୍ୱାପଦସଙ୍କୁଳ ଗହନ
ଦେଖି ଚିନ୍ତାକ୍ରାନ୍ତ ଶଙ୍କିତ ମନ
ଅଗ୍ରସର ହେଉଁ ଅତି କାତରେ
ଅନ୍ତର୍ଯାମୀଙ୍କି ଡାକନ୍ତି ଅନ୍ତରେ
"ଅହେ ଲକ୍ଷ୍ମୀପତି !
ସଂସାରସାର ଅଗତିର ଗତି !
କରି ସୁଦୟା କରୁଣାନିଧାନ,

ସକଳ ସଙ୍କଟରୁ କର ତ୍ରାଣ
ତବ ବିହୁନେ ଗତି ନାହିଁ ଅନ୍ୟ
ଭରସା କେବଳ ତବ ଚରଣ
ଶରଣ ଜନର
ଶରଣ୍ୟ ! ଶରଣାର୍ଥେ ରକ୍ଷା କର !"
କାନ୍ତା ସହିତ ଅତ୍ୟନ୍ତ କାତରେ
କରୁଁ ଗମନ ନୃପ ଅରତରେ
ଏରୂପେ ଚିତ୍ତେ ଚିନ୍ତୁ ଚକ୍ରପାଣି
ହୋଇଲା ଅକସ୍ମାତ ଦୈବୀ-ବାଣୀ
ନୈରାଶ୍ୟ ଆଶାର
ଆଶ୍ୱାସନାଭରା ଭାଷା ପ୍ରଚାର ।
"ଯେତେଦିନ ରାଏ ! ଥିବ ଅରଣ୍ୟେ
ଥିବି ତବ ସଙ୍ଗ ତବ ରକ୍ଷଣେ"
ଏ ଅଭୟପ୍ରଦ ମନ୍ତ୍ର ନିଃସ୍ୱନ
ଶୁଣି ଆଶାନ୍ୱିତେ ରାଣୀ ରାଜନ
ଗମିଲେ ରଭସେ *
ନିଶ୍ଚିନ୍ତ ହୋଇ ନିର୍ଭୟ ମାନସେ ।

* ଶୀଘ୍ର

ଚତୁର୍ଥ ସର୍ଗ

ରାଗ—ଚୋଖୀ

ପ୍ରାଗ୍‌ଜ୍ୟୋତିଷ ପୁରେଶ୍ୱର,   ଶ୍ରୀବତ୍ସ ନରେଶଙ୍କର
ଶନିମାୟାବଳେ ଚିତ୍ତ ନୋହେ ସୁସ୍ଥିର,
ନ ରହନ୍ତି ତାହିଁ ଥୟେ   ଭ୍ରମନ୍ତି ସଦା ଅଥୟେ
କୁବଳଚଙ୍କ ପରାୟେ ନ ହୋଇ ସ୍ଥିର
ନିଷଧେଶ ନଳ ପରାୟେ
ନିରନ୍ତର ବ୍ୟାକୁଳିତ ହୁଅନ୍ତି ରାଏ ।
ରାଜ ଅଗମନ ଜାଣି   ସାଜନ୍ତି ପ୍ରକୃତି-ରାଣୀ
ରାଜଯୋଗ୍ୟ ସୁବିଶାଳ ରମ୍ୟ ମନ୍ଦିର,
ଘେରାଇ ଚତ୍ୱରତଟରେ   ବଲ୍ଲରୀ ବନସ୍ପତିରେ
ନିବିଡ଼େ ଦିଗବଳୟବ୍ୟାପୀ ପ୍ରାଚୀର
ମଣ୍ଡାଇଛନ୍ତି ତାକୁ ଯତନେ
ବିବିଧବରଣ ମନୋରମ ସୁମନେ ।
ଊର୍ଦ୍ଧ୍ୱେ ଦଶେ କି ମଞ୍ଜୁଳ   ଶାଣିତ ରତନଫୁଲ
ବିଖଚିତ ଶୁଭ୍ର ଚନ୍ଦ୍ରାତପ ସମାନ
ତରଳ-ତରଳ-କାନ୍ତି—   ତାରାମଣ୍ଡିତ ପ୍ରଶାନ୍ତ —
ନୀଳନଭ ମହାଶୂନ୍ୟେ ଦୋଦୁଲ୍ୟମାନ
ଚତୁର୍ଦ୍ଦର୍ଗ ଗମ୍ବୁଜ ପରି
ଧରାଧରେ ଅଛନ୍ତି କି ତାହାଙ୍କୁ ଧରି ?

ସ୍ଫଟିକ ପରି ନିର୍ମଳ   ତଳ ଟଳ ସୁଶୀତଳ
ନୀଳନଳିନବନାକୀର୍ଣ୍ଣ ବିସ୍ତୀର୍ଣ୍ଣ ସର
ଦିଶେ ଇନ୍ଦ୍ରନୀଳମଣି—   ବାଢ଼େ ନିବାଢ଼େ ମଣ୍ଡିଣି
ବିଶାଳ ଦର୍ପଣ ପ୍ରାୟେ କି ମନୋହର ।
ନବ ଦୂର୍ବାଦଳନିକର
କୋମଳ ତୂଳାତଳପ ଅବା ତାଙ୍କର ।
ପ୍ରଭାତେ ପ୍ରାଚୀ ତରୁଣୀ   ପ୍ରଦୋଷେ ରାଣୀ ବାରୁଣୀ
ଅରୁଣ-ରତନଥାଳୀ ଯତନେ ଧରି
କରନ୍ତି କି ନୀରାଜନା ?   ଦିଅନ୍ତି କି ଦିଗଙ୍ଗନା
ହୁଳହୁଳି ଚଉଦିଗଁ ବେଷ୍ଟନ କରି ?
କରନ୍ତି କି ଶୁଭାଶୀର୍ବାଦ
ଦ୍ୱିଜେ; ବାୟୁ କି ନିର୍ଝ'ର ମଙ୍ଗଳ ବାଦ୍ୟ?

ଶିଖଣ୍ଡିରତନରାଜି   ଭାନୁ କରଶାଣେ ମାଜି
କରନ୍ତି କି ନୃତ୍ୟ ବର୍ହ ତୋଳି ବିରହୀ !
ପଞ୍ଚମେ ସଙ୍ଗୀତ ଗାଏ   ଅବା ବ୍ରୀଡ଼ାବତୀ ହାଏ
ପରଭୃତବଧୂ ଚୁତ-ନିକୁଞ୍ଜେ ରହି !
ବୈତାଳିକରୂପେ ଖଟନ୍ତି
କିବା କୁକ୍କୁଟ, ଡାହୁକ, କଳ୍ପଲପକ୍ଷୀ ।
ବହି ଅଣି ସରସୀର   ବାରଣୀକର ସମୀର
ବିକଚ କୁସୁମନିଚୟରୁ ପରାଗ
ଗନ୍ଧବାହିକା ପରାୟେ   ନୃପତି ଦମ୍ପତି କାୟେ
ବୋଳି ଦେଉଥାଏ ଅବା ବହି ସରାଗ ।

ଚାଲନ୍ତି କି ଭକତଭରେ
ପୁଷ୍ପାଲଙ୍କୃତ ତରୁଲତା ଭୂପ ଉପରେ ।
ମଧୁପାନେ ଉନମତ୍ତ — ମଧୁପ ହୋଇ ସତତ
ବଜାଏ ପୁଷ୍ପକୋରକ ଶଙ୍ଖ ସଘନେ
ପ୍ରତିହାରୀଙ୍କ ପରାଏ ବାରତା ଜଣାଉଥାଏ
ନୃପ ଛାମୁରେ ଝିଙ୍କାରୀ ଝିଁ ଝିଁ ନିଃସ୍ୱନେ
ବେଳେବେଳେ ଭାଟଙ୍କ ମତି
ଉଠି ଉଠି ହେଉଥାନ୍ତି ଭେକ ପଙ୍କତି ।
ରାଜ୍ୟ ଦଣ୍ଡ ସିଂହାସନ ତେଜି ଶ୍ରୀବତ୍ସ ରାଜନ
କରନ୍ତି ପ୍ରକୃତିରାଜ୍ୟେ ରାଜ୍ୟ ଏପରି
ଅମ୍ବ ବସ୍ତ୍ର କାନ୍ତରେ ଖଟିଥାନ୍ତି ନିରନ୍ତରେ
ଲଳନାଲଲାମମଣି ଚନ୍ଦ୍ରା ସୁନ୍ଦରୀ
ମାନି ଯାର ଅଦୃଷ୍ଟ ମନ୍ଦ
ତା ପକ୍ଷେ ସମ୍ଭବ କାହିଁ ଶାନ୍ତି ସମ୍ପଦ ?
ନୈବେଦ୍ୟ ଅରଣ୍ୟଜାତ ଫଳ ମୂଳ ନରନାଥ
ଇଷ୍ଟେ, ପ୍ରସାଦସ୍ୱରୂପ ଅଶନ କରି
ବାଛି କୋମଳ ପତର ତୃଣାକୀର୍ଣ୍ଣ ମହୀପର
ସହଧର୍ମିଣୀ ସହ ଯାପି ଶର୍ବରୀ
ସୁଲଳିତ ମୋହନ ରୂପ
ଶୀର୍ଣ୍ଣ କ୍ଷୀଣ କୃଷ୍ଣପକ୍ଷ ଶଶୀ ସ୍ୱରୂପ ।
ଏହିମତେ ବହୁ କାଳ ଯାପିଲେ ବନେ ଭୂପାଳ
କ୍ରମେ କ୍ରମେ ଫଳମୂଳ ହେଲା ଦୁଷ୍ପ୍ରାପ୍ୟ

ନ ପାଇ ଖାଦ୍ୟ ନଗରଜନେ   ଦିନେ ଦିନେ ଉପବାସେ
ରହନ୍ତି ପରଜନେ ଲଭି ଘୋର ସନ୍ତାପ
ମାତ୍ର ରହି ଅନଶନରେ
ଜୀବନ ଯାପିବା କିବା ସମ୍ଭବେ ନରେ ?
ଯେଉଁ ଉଦରଜ୍ୱାଳାରେ   ପଶି ଚଣ୍ଡାଳ ଆଗାରେ
କରିଥିଲେ ଶ୍ୱାନମାଂସ ଅପହରଣ
ମହା-ଉଗ୍ରତପଶୀଳ   ବ୍ରହ୍ମର୍ଷିଙ୍କ ପ୍ରବର
ଚଣ୍ଡ କଉଶିକ ଗାଧିରାଜନନ୍ଦନ
ସେହି ଯନ୍ତ୍ରଣାରେ ଭୂପତି
କାନନ ସାରା ବିଚରି ଖାଦ୍ୟ ଖୋଜନ୍ତି ।

ତିନି ଦିବସ ଅନ୍ତରେ   ଦିନେ ବିପିନ ଭିତରେ
ମତ୍ସ୍ୟଜୀବୀ କୃଷ୍ଣକାୟ ଧୀବରଗଣେ
କ୍ଷେପଣୀ ବହି ସ୍କନ୍ଧରେ   କର୍ଦ୍ଦମାକ୍ତ କଳେବରେ
ଫେରନ୍ତି ଗ୍ରାମାଭିମୁଖେ ବିଷଣ୍ଣମନେ
ଦେଖି ତାଙ୍କୁ ରାଜା ଶ୍ରୀବତ୍ସ
କଲେ କ୍ଷୁଧା ଆରତିରେ ଯାଚଞ୍ଜା ମତ୍ସ୍ୟ ।
ବୋଇଲେ ଧୀବରମାନେ   ନରପତି ବିଦ୍ୟମାନେ
ଜାଲ୍ ହାଁଡ଼ି ଦେଖାଇ ସଖେଦ ବଚନେ
"ବିଲେବିଲୁ ରିକ୍ତହସ୍ତେ   ଫେରୁଛୁଁ ଆଜ ସମସ୍ତେ
ଯାହା କରି ଗୃହରୁ କି ଅଶୁଭ କ୍ଷଣେ
ଆସିଥିଲୁ ହେଲା ବିଫଳ
ଅଦୃଷ୍ଟ ଦୋଷରୁ ଆମ୍ଭ ଶ୍ରମ ସକଳ ।"

ଏହି କାରଣ ବଚନେ   ଶ୍ରୀବତ୍ସ ହତାଶ ମନେ
ଉତ୍ତରିଲେ ଶଚେ ସ୍ତ୍ରୀଙ୍କୁ ଇଷ୍ଟ ସୁମରି
"ଚନ୍ଦ୍ରବଦନ ଅନଶନେ   ଅଛୁଁ ଅମ୍ଭେ ବେନିଜଣେ
ଧର୍ମକୁ ବଗୃବ ଭାଇ ! ସୁଦୟା କରି
କ୍ଷେପଣୀରେ ଏ ଜଳାଶୟ
ଥରେ କେତେ ମତ୍ସ୍ୟ ପ୍ରାପ୍ତ ହେବ ନିଶ୍ଚୟ ।"
ଶ୍ରୀବତ୍ସ ରାଜା ବଚନେ   ଆଶା ପୋଷି ମନେ ମନେ
ଧୀବରେ ଅଦୂରବର୍ତ୍ତୀ ସଲିଳାଶୟେ
କ୍ଷେପୁଁ କ୍ଷେପଣୀ ପତିତ   ହେଲେ ମତ୍ସ୍ୟ ଅଗଣିତ
ନ ମିଳେ ଯା ବହୁଶ୍ରମେ ଅନ୍ୟ ସମୟେ ।
ଦେଖି ସେ ନରେଶେ ଉଲ୍ଲାସେ
ମତ୍ସ୍ୟ କେତେ ଗୋଟି ଦେଇ ଗମିଲେ ବାସେ ।
ମହିଷୀ ହସ୍ତେ ଭୂପତି   ସେ ମୀନ ଦେଇ କହନ୍ତି
"ପ୍ରେୟସୀ, ହୋଇଛୁ ମୁହିଁ ବଡ଼ କ୍ଷୁଧାର୍ତ୍ତ,
ଦେଲେ ମୋତେ କେଉଁପରି   ଏ ମୀନ ଦଗଧ କରି
ଜଠର ଅନଳଜ୍ୱାଳା କରିବା ଶାନ୍ତ ।"
ଉତ୍ତରିଲେ ପ୍ରାଣେଶ ଗିରେ
"ଯେ ଆଜ୍ଞା ତୁମ୍ଭର" ବୋଲି ମହିଷୀ ଧୀରେ ।
ସ୍ନାନାର୍ଥେ ଗଲେ ଶ୍ରୀବତ୍ସ   ମହିଷୀ ନେଇ ସେ ମତ୍ସ୍ୟ
ଦଗ୍ଧ କଲେ ଜାଳି ଶୁଷ୍କ ପତ୍ର ଇନ୍ଧନ
ଅନଳ ଯୋଗେ ବୀଭତ୍ସ   ଭସ୍ମଲେପିତ ମତ୍ସ୍ୟ
ବିଲୋକି ମହିଷୀଙ୍କର ବ୍ୟାକୁଳ ମନ

ବହି ପଡ଼ଇ ଦର ଦରେ
ଇନ୍ଦୀବର-ନେତ୍ରୁଁ ଅଶ୍ରୁ ବକ୍ଷୋଜ ପରେ ।
ଭାଳନ୍ତି ସ୍ୱଗତେ ସତୀ   "ହାୟ ! କେମନ୍ତେ ନୃପତି
କରିବେ ଏହି ଦଗଧ ମୀନ ଅଶନ ।
ଯାହା ମଣୋହିରେ ନିତ୍ୟ   କ୍ଷୀର ଘୃତ ନବନୀତ
ପାୟସ ପିଷ୍ଟକ ସହ ଶତ ବ୍ୟଞ୍ଜନ
କରି ପାରୁ ନ ଥିଲେ ତୁଷ୍ଟ
ତାଙ୍କୁ ଦଗ୍ଧ ମୀନ ଦେବି ଧିକ ଅଦୃଷ୍ଟ !"
ଚିନ୍ତୁ ଚିନ୍ତେ ଚନ୍ଦ୍ରା ସତୀ   ଚିତ୍ରପୁତ୍ତଳିକା ମତି
ରହି କ୍ଷଣେ ପୁଣି ମତି ସ୍ଥିର କରି
ଭାଳନ୍ତି "ଯେବେ ଯେ ଗତି   ବହିବେ ଅମ୍ବର ପ୍ରତି
ଅଖିଳ ବ୍ରହ୍ମାଣ୍ଡଗତିଦାୟକ ହରି
ସହିବା ତା' ପ୍ରସନ୍ନମନେ
ଅବଶ୍ୟ କର୍ତ୍ତବ୍ୟ ଅଟୁ ଭବ-ଭବନେ ।
କଲେ ଦଗ୍ଧ ମୀନାହାର   ଶନି-ଦୃଷ୍ଟି-ପ୍ରତିକାର
ହୁଏ ବୋଲି ଶୁଣିଛୁ ଦୈବଜ୍ଞ-ବଦନୁ"
ଗମିଲେ ଭଳି ଏପରି   ଭସ୍ମଯୁକ୍ତ ମତ୍ସ୍ୟ ଧରି
ସରସୀରେ ଧୋଇ ଅଣିବାକୁ ସ୍ୱତନ୍ତ୍ରୁ
ଏଣେ କ୍ଷୁଧାତୁର ନୃପତି,
ସ୍ନାନୁଁ ଫେରି ପ୍ରିୟାପଥ ଚାହିଁ ଅଛନ୍ତି ।
ଦଗଧ-ମୀନ ସକଳେ   ମଜ୍ଜାଇ ସରସୀ-ଜଳେ
ମଞ୍ଜୁଳେକ୍ଷଣା ଯତନେ କରୁଁ ଧଉତ,

ସହସା ଲଭି ଜୀବନ   କଲେ ମତ୍ସ୍ୟ ପଳାୟନ
ଦେଖି ତା ମହର୍ଷି ମଣି ଅତି ଅଦ୍ଭୁତ
କରକଞ୍ଜେ କପୋଳ ଥୋଇ
ବସିପଡ଼ିଲେ ଭୂତଳେ ଅବଶ ହୋଇ ।
କାଞ୍ଚନ-ପ୍ରତିମା ପରି   ନିଷ୍ଟଲେ ରାଜ-ସୁନ୍ଦରୀ
ସରୋଜାଳଙ୍କୃତ ସରୋବର-ସୀମାନ୍ତେ
ଚନ୍ଦ୍ରୁ ନିଷ୍ଟଲେ ଅବା   ଚପଳାଙ୍ଗୀ କ୍ଷଣପ୍ରଭା
ତାରା-ବିମଣ୍ଡିତ ନୀଳ-ଗଗନ-ପ୍ରାନ୍ତେ;
ଅବା ରାହୁ କବଳୁ ଖସି
ପଡ଼ିଛି କମଳାକରେ ସରଗ-ଶଶୀ ।
ଅବା କମଳ-ବାନ୍ଧବ-   ପ୍ରଭାପୁରେ ସ୍ନାନରତ
କମଳସଖୀ କମଳ-ବରଣୀ ଊଷା,
କିବା ମାନସର ତୀରେ   ମଜ୍ଜନେ ଅଛନ୍ତି ଧୀରେ
ହର ପଦଧ୍ୟାୟୀ ହୈମବତୀ ସୁହୃଷା ।
ପଦ୍ମବନେ ପଦ୍ମସମ୍ଭବା,
ପଦ୍ମନାଭଙ୍କ ବିରହେ ବିଷଣ୍ଣ ଅବା ।
କି ଅବା କାଳିନ୍ଦୀକୂଳେ   ଶ୍ୟାମ-ବିରହେ ଅକୂଳେ
ମ୍ରିୟମାଣା ବୃଷଭାନୁ-ରାଜ-ଦୁହିତା,
ରାମ ବନବାସ ଯିବା   ଉଦନ୍ତେ କାତର କିବା
ଶ୍ରୀରାମ-ହୃଦୟ-ପ୍ରେମ-ପ୍ରତିମା ସୀତା ?
ଶୋକେ ଗ୍ରୀବା ପଡ଼ିଛି ଢଳି
ଶତଦଳଭରେ ନତ ମୃଣାଳ ଭଳି ।

ସହସା ସବ୍ଲୀସ୍ୱନେ　　　ଉଠି ସଚକିତ ମନେ
ଭଣନ୍ତି "କି ବୋଲି ଯାଇ ଦେବି ବାରତା
'ଦଗଧ ମୀନ ଜୀବନ　　　ଲଭି କଲା ପଳାୟନ'
ପରତେ ଯିବେ କି ନାଥ ଶୁଣି ଏ କଥା ?
ବରୁବରେ ପଗ୍ର ସ୍ୱଗତେ
ମୀନ ଖାଇଗଲେ ରାଣୀ କ୍ଷୁଧା-ଆରତେ ।"
ଏହିପରି ନାନାମତେ　　　ଭାଳି ଭାଳି ହୃଦଗତେ
ଗଲେ ସତୀ ଯହିଁ କ୍ଷୁଧା-କାତର କାନ୍ତ
ସଜଳ ନୟନେ ଧୀରେ　　　ଲଳିତ କରୁଣ ଗିରେ
ନିବେଦିଲେ ଶ୍ରୀପୟରେ ସବୁ ବୃତ୍ତାନ୍ତ
ଶୁଣି ସେ ଘଟନା ଅଦ୍ଭୁତ
ସ୍ତମ୍ଭିତେ ରହିଲେ ଗ୍ରୟେ ମଣି କମ୍ପିତ !
ଏକାଳେ ଅମ୍ବରପଟେ　　　ରହି ଶନି ଅପ୍ରକଟେ
ଭଣିଲେ ବଜ୍ରନିର୍ଘୋଷେ "ଶୁଣ ନୃପତି,
ଲକ୍ଷ୍ମୀ ବଡ଼ ମୁହିଁ ସାନ　　　ଏହି ଦତ୍ତ ଅପମାନ
ଫଳ ଶତଗୁଣ ଭୋଗ କର ସମ୍ପ୍ରତି,
ମତ୍ତ ହୋଇ ଐଶ୍ୱର୍ଯ୍ୟମଦେ,
ଲଜ୍ଜା ମୋତେ ଦେଲୁ ମୂଢ଼, ସଭାର ମଧ୍ୟେ ।
ପଣ୍ଡିତ ଧାର୍ମିକ ଜ୍ଞାନେ　　　ଅଇଲି ତୋ ସନ୍ନିଧାନେ
ତଳେ ନ୍ୟାୟାନ୍ୟାୟ କଥା ଭଣିଲୁ ନାହିଁ,
ଅସନ କରାଇ ଶେଷେ　　　କମଳାଙ୍କୁ କଲୁ ଜ୍ୟେଷ୍ଠ
ଏବେ ସେ କମଳା ବର ରହିଲା କାହିଁ ?

ସହସା ଲଭି ଜୀବନ   କଲେ ମତ୍ସ୍ୟ ପଳାୟନ
ଦେଖି ତା ମହର୍ଷି ମଣି ଅତି ଅଦ୍ଭୁତ
କରକଞ୍ଜେ କପୋଳ ଥୋଇ
ବସିପଡ଼ିଲେ ଭୂତଳେ ଅବଶ ହୋଇ ।
କାଞ୍ଚନ-ପ୍ରତିମା ପରି   ନିଶ୍ଚଳେ ରାଜ-ସୁନ୍ଦରୀ
ସରୋଜାଳଙ୍କୃତ ସରୋବର-ସୀମାନ୍ତେ
ରହିଛନ୍ତି ନିଶ୍ଚଳେ ଅବା   ଚପଳାଙ୍ଗୀ କ୍ଷଣପ୍ରଭା
ତାରା-ବିମଣ୍ଡିତ ନୀଳ-ଗଗନ-ପ୍ରାନ୍ତେ;
ଅବା ରାହୁ କବଳୁ ଖସି
ପଡ଼ିଛି କମଳାକରେ ସରଗ-ଶଶୀ ।
ଅବା କମଳ-ବାନ୍ଧବ-   ପ୍ରଭାପୂରେ ପ୍ଲାବିତ
କମଳସଖୀ କମଳ-ବରଣୀ ଉଷା,
କିବା ମାନସର ତୀରେ   ମଜ୍ଜନେ ଅଛନ୍ତି ଧୀରେ
ହର ପଦଧ୍ୟାୟି ହୈମବତୀ ସୁଦୃଶା ।
ପଦ୍ମବନେ ପଦ୍ମସମ୍ଭବା,
ପଦ୍ମନାଭଙ୍କ ବିରହେ ବିଷଣ୍ଣ ଅବା ।
କି ଅବା କାଳିନ୍ଦୀକୂଳେ   ଶ୍ୟାମ-ବିରହେ ଅକୂଳେ
ମ୍ରିୟମାଣା ବୃଷଭାନୁ-ରାଜ-ଦୁହିତା,
ରାମ ବନବାସ ଯିବା   ଉଦନ୍ତେ କାତର କିବା
ଶ୍ରୀରାମ-ହୃଦୟ-ପ୍ରେମ-ପ୍ରତିମା ସୀତା ?
ସ୍ତୋକେ ଗ୍ରୀବା ପଡ଼ିଛି ଢଳି
ଶତଦଳଙ୍କରେ ନତ ମୃଣାଳ ଭଳି ।

ସହସା ସର୍ବାଙ୍ଗୀସ୍ୱନେ   ଉଠି ସଚକିତ ମନେ
ଭାଳନ୍ତି "କି ବୋଲି ଯାଇ ଦେବି ବାରତା
'ଦଗଧ ମୀନ ଜୀବନ   ଲଭି କଲା ପଳାୟନ'
ଉଚିତେ ଯିବେ କି ନାଥ ଶୁଣି ଏ କଥା ?
ବିଶ୍ୱସିବେ ପର ସ୍ୱଗତେ
ମୀନ ଖାଇଗଲା ରାଣୀ କ୍ଷୁଧା-ଅରତେ ।"
ଏହିପରି ନାନାମତେ   ଭାଳି ଭାଳି ହୃଦଗତେ
ଗଲେ ସତୀ ଯହିଁ କ୍ଷୁଧା-କାତର କାନ୍ତ
ସଜଳ ନୟନେ ଧୀରେ   ଲଳିତ କରୁଣ ଗିରେ
ନିବେଦିଲେ ଶ୍ରୀପୟରେ ସବୁ ବୃତ୍ତାନ୍ତ
ଶୁଣି ସେ ଘଟନା ଅଦ୍ଭୁତ
ସ୍ତମ୍ଭିତେ ରହିଲେ ରାୟେ ମଣି କିମ୍ଭୂତ !
ଏକାଳେ ଅମ୍ବରପଠୁଁ   ରହି ଶୂନ୍ୟ ଅପ୍ରକଟେ
ଭାଷିଲେ ବଜ୍ରନିର୍ଘୋଷେ "ଶୁଣ ନୃପତି,
ଲକ୍ଷ୍ମୀ ବଡ଼ ମୁହିଁ ସାନ   ଏହି ଦର୍ପ ଅପମାନ
ଫଳ ଶତଗୁଣ ଭୋଗ କର ସମ୍ପ୍ରତି,
ମତ୍ତ ହୋଇ ଐଶ୍ୱର୍ଯ୍ୟମଦେ,
ଲଜ୍ଜା ମୋତେ ଦେଲୁ ମୂଢ଼, ସଭାର ମଧ୍ୟେ ।
ପଣ୍ଡିତ ଧାର୍ମିକ ଜ୍ଞାନେ   ଅଇଲି ତୋ ସନ୍ନିଧାନେ
ତଳେ ନ୍ୟାୟାନ୍ୟାୟ କଥା ଭାଳିଲୁ ନାହିଁ,
ଅସନ କରାଇ ଶେଷ୍ଠ   କମଳାଙ୍କୁ କଲୁ ଜ୍ୟେଷ୍ଠ
ଏବେ ସେ କମଳା ବର ରହିଲା କାହିଁ ?

ମୁହିଁ ଗ୍ରହସଙ୍ଘ ସଜର.
ଖେଳନ୍ତି ମୋହ ସଙ୍ଗତେ କୂଟ ଗୃହସ୍ଥ ।
ସ୍ୱର୍ଗ ମର୍ତ୍ତ୍ୟ ରସାତଳେ   ମୋ ଗତି ସର୍ବତ୍ର ଚଳେ
ପୂଜନ୍ତି ମୋ ପଦ ତିନି ଭୁବନ ଜନେ,
ମୋହ କୋପେ ରାଜ୍ୟଚ୍ୟୁତ   ହୋଇ ଦଶରଥ-ସୁତ
ଭାଇ ଭାର୍ଯ୍ୟା ସହ ଗଲେ ଗହନ ବନେ ।
ମୋର କୋପେ ସତୀ-ଜନକ
ଯଜ୍ଞଧ୍ୱଂସ, କନ୍ୟାନାଶ, ଛାଗ ମସ୍ତକ ।
ମୋ ସଙ୍ଗେ ଦ୍ରୋହ ଅରଜି   ଅମରାବତୀ ବରଜି
ଭିଖାରୀ ହୋଇ ଲୁଚିଲେ ଶଚୀ-ରମଣ
ଦାନବୀର ବଳିରାଜେ   ରଖାଇଲି ଦାନବ୍ୟାଜେ
ପାତାଳେ ଅବଜ୍ଞ କରି କାରା ଭବନ,
ମୋର ସଙ୍ଗେ ବିବାଦ କରି
ବକ୍ରକୀଟଦଷ୍ଟ ହେଲେ ସ୍ୱୟଂ ଶ୍ରୀହରି ।
ପୃଥିବୀର ନର ତୁହି   ତୋ ବାଟରେ କ୍ଷୁଦ୍ର ମୁହିଁ
ଦେଖିବି କପରି ଲକ୍ଷ୍ମୀ ରଖିବେ ତୋତେ,
କରି ରାଜ୍ୟ-ପ୍ରଜାନାଶ   ଦେଉଛି ଅରଣ୍ୟବାସ
ସ୍ତ୍ରୀଭେଦ କରିବି ଶେଷେ ଚାହିଁବୁ ମୋତେ"
ବରଷି ଏ ବଜ୍ରବଚନ,
ସ୍ତୋକେ ଦୃଶ୍ୟ ଦେଇ ଗଲେ କ୍ରୂରଲୋଚନ ।
ଥିଲେ ଯତ୍ନେ ରାଜା ରାଣୀ   ଶୁଣନ୍ତି ସେ ଦୈବୀ ବାଣୀ
ଚକିତନୟନେ ଚାହିଁ ଚାହିଁ ଆକାଶେ,

"ସ୍ତ୍ରୀଭେଦ କରିବ ଶେଷେ" ଏ ବାକ୍ୟେ ଚନ୍ଦ୍ରା ଅବେଶେ
ଥର ଥର ଚନ୍ଦ୍ରାରାଣୀ ବିଷମ ତ୍ରାସେ,
ମୂର୍ଚ୍ଛିତେ ପଡ଼ିଲେ ଢଗରେ,
ବାତ୍ୟା-ଛିନ୍ନ ସ୍ୱର୍ଣ୍ଣ-ରମ୍ଭାତରୁ ପ୍ରକାରେ ।

ପଞ୍ଚମ ସର୍ଗ

ରାଗ—ମଙ୍ଗଳଗୁର୍ଜରୀ

କରନ୍ତି ଶୁଶ୍ରୂଷା ରାଏ   ପ୍ରାଣ-ପ୍ରେୟସୀର
ଆଶ୍ୱାସେ ମହୀଙ୍କି ଯଥା   ମଳୟ ସମୀର ।
ସରସୀରୁ ନୀର ଅଣି   ରାଣୀ-ମୁଖେ ସିଞ୍ଚି
ସଜଳ ସରୋଜଦଳେ   ଧୀରେ ଧୀରେ ବିଞ୍ଚି ।
ସଞ୍ଚାଳି କରପଲ୍ଲବ   ସ୍ନେହେ ଅପଘନେ
ଚେତା କରାଇଲେ ପ୍ରାଣ—   ପ୍ରିୟାଙ୍କୁ ଯତନେ ।
ଉଠି ଧୀରେ ଧୀରାମ୍ବରା   ବସି ଅଶ୍ରୁଜଳେ
ନୀରବେ ପ୍ଲାବନ୍ତି ପତି   ପୟୂରଯୁଗଳେ ।
ଛଡ଼ିଛି ଚୂର୍ଣ୍ଣ କୁନ୍ତଳ   ସ୍ୱେଦାର୍ଦ୍ର ଆନନେ
ପଡ଼ିଛି ଶୈବାଳ କିବା   କମଳ ସୁମନେ ।
ଅଶ୍ରୁପୂର୍ଣ୍ଣ ଖଞ୍ଜରୀଟ   ନେତ୍ର ଢଳଢଳ
ଟଳେ ମୃଦୁ ହିଲ୍ଲୋଳେ କି   ସରେ ଶତଦଳ ?
ବନ୍ଧୁଲି ଅଧର ପଡ଼ି   ଯାଇଅଛି ଫିକା
କିବା ସେ ପାରିଜଡ଼ିତ   ପ୍ରବାଳ ଲତିକା !
କନକ ଚମ୍ପକ ଗଉ—   ରାଙ୍ଗୀ କୃଶୋଦରୀ
ଦିଶନ୍ତି ଦିବା ପାଣ୍ଡୁର   ଶଶିକଳା ସରି ।
କାରୁଣ୍ୟପ୍ରତିମା ଅବା   ପ୍ରତ୍ୟକ୍ଷରୂପିଣୀ
କିବା ଖର ସୌର-କରେ   ମ୍ଳାନ କୁମୁଦିନୀ ।

ନବନୀତ ଚିତ୍ତୁଳୀକ   ଅଭ୍ରଜାଇ ଭରେ
ଆଶ୍ୱାସି ରାଜା ଶ୍ରୀବତ୍ସ   ଭାଷନ୍ତି ମଧୁରେ—
"ମୋ ରାଜ୍ଞି, ପରାଣଧନ !   ନ ହୁଅ ବିକଳ
ଭୁଞ୍ଜିବା ନିଜର କର୍ମ—   ଅରଜିତ ଫଳ ।
ଅଦୃଷ୍ଟ-ଲିଖନ ପ୍ରିୟେ   ନ ହେବ ଅନ୍ୟଥା
ଘଟିଲାଣି ଦୈବବାଣୀ   ଅମ୍ଭଙ୍କୁ ସର୍ବଥା ।
ରାଜ୍ୟନାଶ ବନବାସ   ହେଲା ପଙ୍କଜାକ୍ଷି !
ପରସ୍ପର ବିଚ୍ଛେଦ କି   ଆଉ ଅଛି ବାକି ?
କଲା ଦେବଦ୍ୱନ୍ଦ୍ୱେ ଯେଉଁ   ହୋଇ ମଧ୍ୟସ୍ଥ
ଦନ୍ତୁ ଦନ୍ତୁ ସେ କରମ   କଲା ଅଧୋଗତ;
ସେ କରମେ ଥିବ ଯେବେ   ଦୁଃସହ ବିରହ
ବିପଦ-ବନ୍ଧୁଙ୍କ ନାମେ   କରିବା ତା ସହ୍ୟ ।
କରଣ କାରଣ କର୍ତ୍ତା   ଦେବ ନାରାୟଣ
ତାଙ୍କରି ପୟରେ କରି   ସର୍ବସ୍ୱ ଅର୍ପଣ
କର୍ତ୍ତବ୍ୟପଥେ ହୃଦୟ   ହେଉ ଗୋ ଅଟଳ
ଏତିକି ମାଗୁଣି ବନ୍ଧୁ—   ପୟରେ କେବଳ ।"
ପ୍ରିୟତମ ଦେବଙ୍କର   ପ୍ରୀତିପୂର୍ଣ୍ଣ ବାଣୀ
ଶୁଣି କିଞ୍ଚିତ ଆଶ୍ୱସ୍ତା   ହେଲେ ଚନ୍ଦ୍ରାରାଣୀ ।
ନ ହୁଏ କି ଆଶ୍ୱାସିତ   ନୀହାର-ପତନେ
ମ୍ରିୟମାଣା କମଳିନୀ   ପ୍ରାତଃ ସମୀରଣେ ?
ପ୍ରେୟସୀ କପୋଳୁ ପୋଛି   ଦେଇ ଅଶ୍ରୁଧାର
ବୋଇଲେ ଖେଦଗମ୍ଭୀରେ   ନୃପଗୁଣାଧାର

“ଜାଣିଲି ନ ମିଳେ ଫଳ   ଶନି-ମାୟାବଳେ
ସେ ମାୟାରେ ଦଗ୍ଧ ମୀନ   ପଳାଇଲା ଜଳେ ।
ଅରଣ୍ୟପଥରେ ଶନି   ସାଧିଲଣି ବାଦ
ଏଥି ଅଧିଷ୍ଠାନ କଲେ   ଘଟିବ ପ୍ରମାଦ ।
ଚାଲ ପ୍ରିୟତମେ, ଯିବା   ନଗରାଭିମୁଖେ
ଜନପୂର୍ଣ୍ଣ ସ୍ଥାନରେ   ବଞ୍ଚିବା ଦୁଃଖେ ସୁଖେ ।”
ଏଥିଅନ୍ତେ ମନ୍ତ୍ରୀପତି   ବରଜି ଅରଣ୍ୟ
କଲେ ସମୀପସ୍ଥ ରାଜ—   ଧାନୀକି ଗମନ ।
ଦାରିଦ୍ର୍ୟ ହେତୁ ଅବଜ୍ଞା   ଲଭିବା ଭୟରେ
ନ ଗଲେ ଯହିଁ ସମ୍ଭ୍ରାନ୍ତ—   ବସନ୍ତି ନଗରେ ।
ନଗର-ସୀମାନ୍ତେ କାଷ୍ଠ—   ଜୀବୀଙ୍କ ବସତି
ଭ୍ରମି ଭ୍ରମି ସେହି ସ୍ଥାନେ   ମିଳିଲେ ଭୂପତି ।
ନବାଗତ ଦମ୍ପତିଙ୍କି   ଦେଖି କୁତୂହଳେ
ବେଢ଼ି ଉଭା ହେଲେ ପଲ୍ଲୀ— ନିବାସୀ ସକଳେ ।
ସୁଲଳିତ ପ୍ରଶାନ୍ତ   ମୂରତି ମନୋହର
କ୍ଷୀଣେ ଶୀର୍ଣ୍ଣେ ଯାହାଙ୍କ କି   ନ ଦିଶେ ସୁନ୍ଦର ?
ଆବାଳ ବୃଦ୍ଧ ବନିତା   ସେ ରୂପ ଦର୍ଶନେ
ରହିଗଲେ ଅପଲକ   ଉତ୍‌ଫୁଲ୍ଲନୟନେ ।
ବୋଲିଲେ ମଧୁରେ ତାଙ୍କୁ   ଶ୍ରୀବତ୍ସ ରାଜନ—
“ବଡ଼ ହତଭାଗ୍ୟ ଭାଇ !   ଅମ୍ଭେ ବେନି ଜନ ।
ଦୈବଦୁର୍ବିପାକେ ପଡ଼ି   ଭ୍ରମି ବନେ ବନେ
ଆସିଛୁଁ ନଗରେ ତିନି   ଦିନ ଅନଶନେ ।

ତୁମ୍ଭେମାନେ ଗୃହଧର୍ମୀ   ପାରିବ କି ସହି,
ଅମ୍ଭ ଅନ୍ନ-ସଂସ୍ଥାନର   ଉପାୟ କହିବ ?"
ଉତ୍ତରିଲେ ନୃପ ବାକ୍ୟେ   କାଷ୍ଠଜୀବିଗଣେ
ଅହ୍ଲାଦେ ସାଦରେ ସ୍ମିତ—ମଧୁର-ବଚନେ—
"ଏ କି କଥା ମହାଶୟ !   ଦାତା ଚକ୍ରପାଣି
ନ ଦେବେ କି ଅନ୍ନ ତୁମ୍ଭେ ମାନ ବେନି ପ୍ରାଣୀ ?
ଅମ୍ଭେ କାଷ୍ଠଜୀବୀ ଜାତି   ଅମ୍ଭର ଜୀବିକା
ସ୍ୱଚ୍ଛନ୍ଦେ ଚଳଇ କରି   କାଷ୍ଠ ବିକ୍ରୟିକା ।
କାଷ୍ଠ-ଆହରଣେ ଧୃତ   ପ୍ରାତେ ବନେ ଯାଉଁ
ଦୁଃଖ କି, ନ ଜାଣୁ, ନିତି ଅଣୁ ନିତି ଖାଉଁ ।
ଅମ୍ଭ ସଙ୍ଗେ କାଷ୍ଠ ଯେବେ   ପ୍ରତ୍ୟହ ଆଣିବ
ସ୍ୱଚ୍ଛନ୍ଦେ ଜୀବିକା ଚଳି   ଦୁଃଖ ନ ଜାଣିବ"
ଅନଭିଜ୍ଞ କାଷ୍ଠଜୀବୀ—   କର ନୈଷ୍ଠ ବାଣୀ
ଶ୍ରବଣେ ପରମ ପ୍ରୀତ   ହେଲେ ରଜା ରାଣୀ ।
ରହିଲେ ସାନନ୍ଦେ ତାଷ୍ଟ—   ଜୀବୀଙ୍କ ପଲ୍ଲୀରେ
ସସ୍ତ୍ରୀକ ଶ୍ରୀବତ୍ସ ଭୂପ—   ନିର୍ମିତ କୁଟୀରେ ।
ମଗ୍ନପୋତସାଂଯାତ୍ରିକ   ଲଭିବାକୁ ବେଳା
ପରାଣ ଅତଙ୍କେ ନ ଅ—   ଶ୍ରେକି କୁଣଭେଳା ?
ପ୍ରତ୍ୟହ ପ୍ରତ୍ୟୁଷୁଁ ରାଏ   ଯାଆନ୍ତି ଅରଣ୍ୟେ
କାଷ୍ଠଜୀବୀଙ୍କ ସଙ୍ଗତେ,   କାଷ୍ଠ-ଆହରଣେ ।
ମଧ୍ୟାହ୍ନେ କାଷ୍ଠବିକ୍ରୟ   ସାରି ରସାପତି
ଆହାରୀୟ ଦ୍ରବ୍ୟ ନେଇ   କୁଟୀରେ ଫେରନ୍ତି ।

ଶ୍ରାନ୍ତ କ୍ଳାନ୍ତ ଘର୍ମ-ସିକ୍ତ   କାନ୍ତ କଳେବର
ଦେଖି ବକ୍ଷ ଫାଟି ଯାଉ—   ଥାଏ ରାଣୀଙ୍କର ।
ବଡ଼ ବଡ଼ କାଷ୍ଠବୋଝ   ବହି ଶିରୋଦେଶେ
ଅସନ୍ତି ଅନନ୍ଦେ କାଷ୍ଠ—   ଜୀବୀଏ ଅକ୍ଳେଶେ ।
ମାତ୍ର ଅତି କ୍ଷୁଦ୍ର ବୋଝ   ଘେନି ନରନାଥ
ନଗରେ ଫେରୁଁ ହୁଅନ୍ତି   ଅତି ପରିଶ୍ରାନ୍ତ ।
ଧନେ ଧନେ ନୃପ ବନେ   କରି ଅନ୍ୱେଷଣ
ସଂଗ୍ରହ କରି ଆଣନ୍ତି   ଚନ୍ଦନ ଇନ୍ଧନ ।
ଲଘୁ ହୁଏ କାଷ୍ଠବୋଝ   ଗୁରୁ ହୁଏ ମୂଲ୍ୟ
ହରଷେ ହୃଦୟପଦ୍ମ   ହୁଏ ଉତ୍‌ଫୁଲ୍ଲ ।
ବହୁବିଧ ଆହାର୍ଯ୍ୟ   ଦ୍ରବ୍ୟ କିଣି ଆଣି
ପଶନ୍ତି କୁଟୀରେ ପ୍ରିୟା— ପାଶେ ପ୍ରିୟବାଣୀ—
"ବିପଦବନ୍ଧୁ ଅମ୍ଭର   କାଷ୍ଠଜୀବିଗଣ
କରିବା ଗୋ ଭୋଜନାର୍ଥେ   ତାଙ୍କୁ ନିମନ୍ତ୍ରଣ ।"
ଶୁଣି ପଦ୍ମପଲାଶାକ୍ଷୀ   ପତିଙ୍କ ବଚନ
ପରମ ଆନନ୍ଦବସେ   ହୋଇ ନିମଗନ
ବିବିଧ ପିଠା ପାୟସ   ମିଷ୍ଟାନ୍ନ ବ୍ୟଞ୍ଜନ
ଅନାୟାସେ କରନ୍ତି ସେ   ସ୍ୱହସ୍ତେ ରନ୍ଧନ ।
ନିମନ୍ତ୍ରି ଯାବତ ପଲ୍ଲୀ   ନରନାରୀବୃନ୍ଦେ
କରନ୍ତି ପରିବେଷଣ   ସ୍ୱୟଂ ନୃପ ମୁଦେ ।
କଦନ୍ନଭୋଜୀଏ କରି   ବିବିଧ ବ୍ୟାଖ୍ୟାନ
ଅସଙ୍କୋଚେ ବ୍ୟଞ୍ଜନ   ପିଷ୍ଟକ ପରମାନ୍ନ,

ଭୁଞ୍ଜନ୍ତି ଅଖଣ୍ଡ ଭବ ପରମ ଉଲ୍ଲାସେ
ଶ୍ରୀବତ୍ସ-ଚନ୍ଦ୍ରା-ହୃଦୟ ହର୍ଷ-ଜଳେ ଭାସେ ।
ଭବ ଅପ୍ୟାୟିତ ପଲ୍ଲୀ— ବାସୀଙ୍କ ଅହ୍ଲାରେ
ଭରନ୍ତି ବଦାନ୍ୟ ସଏ ଶ୍ରଦ୍ଧା ପୁରସ୍କାରେ ।
ଚନ୍ଦ୍ରା ଦେବୀଙ୍କ ରନ୍ଧନ- ବିଶାରଦ ପଣେ
ଧନ୍ୟ ଧନ୍ୟ ପଡ଼ୁଥାଏ ପଲ୍ଲୀ ପୁରଙ୍ଗନେ ।
ଦେଖି ମୁଗ୍ଧ ପଲ୍ଲୀବାସୀ ଶ୍ରୀବତ୍ସ ଚନ୍ଦ୍ରାର
ସାରଲ୍ୟ ସୌଜନ୍ୟ ଅମା- ୟିକ ବ୍ୟବହାର ।
କିବା ବାଳ, ବୃଦ୍ଧ କିବା ଯୁବକ ଯୁବତୀ
ସର୍ବେ ଅନୁରକ୍ତ ଚନ୍ଦ୍ରା ଶ୍ରୀବତ୍ସଙ୍କ ପ୍ରତି ।
ଯାପନ୍ତି ଜୀବନ ରାଜା— ରାଣୀ ଏହି ରୂପେ
କାଷ୍ଠଜୀବୀ ବସତିରେ କାଷ୍ଠଜୀବୀ ରୂପେ ।
ହାୟ ! ସସାଗରା ଧରା— ବୀର ଦଣ୍ଡଧାରୀ
କ୍ରୂର କର୍ମବଳେ ସିନା ପଥର ଭିଖାରୀ !

ଷଷ୍ଠ ସର୍ଗ

ରାଗ—ରସକୁଲ୍ୟା

କାଷ୍ଠଜୀବୀଙ୍କର ପଲ୍ଲୀପ୍ରାନ୍ତରେ
ବହେ ତରଙ୍ଗିଣୀ ଖରସ୍ରୋତରେ,
ବିବିଧ ପଣ୍ୟଦ୍ରବ୍ୟ ଭରି ତରୀ
ଯାଆନ୍ତି ସେ ପଥେ ବାଣିଜ୍ୟ କରି
ନାନା ଦେଶୀ ସୌଦାଗର,
ଭ୍ରମି ଦେଶେ ଦେଶେ   କରିବା ସକାଶେ
ଧନ ଅର୍ଜନ ବିସ୍ତର ।
ଦୈବେ ଦିନେ ଏକ ବଣିକ-ତରୀ
ରହିଲା ପଠାରେ ଅଟକି କରି,
ତରୀ ଭସିବାକୁ ଯେତେ ପ୍ରୟାସ
କଲେ ପ୍ରାଣପଣେ ସକଳ ଦାସ
ହେଲା ସକଳ ବିଫଳ,
ଦେଖି ତା ସାଧୁର   ସାହସ ଉଡ଼ିଲା
ବୁଡ଼ିଲା ଧଇର୍ଯ୍ୟ, ବଳ ।
ଏକାଳେ ଦୈବଜ୍ଞ ବିପ୍ରରୂପରେ
ସାଧୁପାଶେ ଶନି ମିଳି ସତ୍ୱରେ,
ଅଶିଷି ବୋଇଲେ "ହେ ମହାଜନ,

କପାଁଇ ହେଉଛ ଚିନ୍ତିତ ମନ,
ମୁହିଁ ଦୈବଜ୍ଞ ବ୍ରାହ୍ମଣ,
କହେ ଲୋକଙ୍କର   ହିତାହିତ କଥା
ନାକର କରି ଗଣନ ।
ଜ୍ୟୋତିଷ ବିଦ୍ୟାରେ ତବ ବିପତ୍ତି
ଜାଣି ତବ ଉପକାରେ ସମ୍ପ୍ରତି
ଆସିଛୁ କହିବାକୁ ପ୍ରତିକାର
ମୋର କଥାମତେ ଯଦ୍ୟପି ପାର,
ସେ କାର୍ଯ୍ୟ ସାଧନ କରି
ତେବେ ଅବିଳମ୍ବେ   ଅଳପ ଆୟାସେ
ଭସିବ ତୁମ୍ଭର ତରୀ ।"
ଶୁଣି ଛଦ୍ମରୂପୀ ବିପ୍ର ବଚନ
ହେଲେ ଆଶାନ୍ୱିତ ସେ ମହାଜନ,
କି ଅବା ବାମନ ଧଇଲେ ଚନ୍ଦ୍ରେ
ବାୟୁ କି ବନ୍ଧନ ହୋଇଲେ ଫାନ୍ଦେ
ଅବା ଲଭିଲେ କୃପଣି,
ବିନା ପ୍ରୟାସରେ   ଅଯାଚିତ କରେ
ବିବିଧ ମଣି ରତନ ।
ପ୍ରଣମି ଦୈବଜ୍ଞେ ଭକତିଭରେ
କର ଯୋଡ଼ି ସାଧୁ କହେ କାତରେ—
"ଦୟା ବହି ଏ ଦାସେ ବିପ୍ରବର !
ବିହିତ ଉପାୟ କହ ସତ୍ୱର,

ପଶିଲି ତବ ଶରଣ
କୃପା-ତରଣୀରେ ଶରଣାଗତଙ୍କୁ
ସଙ୍କଟୁ କର ତାରଣ ।"
ଅଶ୍ୱାସି ବଣିକେ ଛଦ୍ମ ବ୍ରାହ୍ମଣ
ଭାଷିଲେ ଧୀର ଗମ୍ଭୀର ବଚନ—
ଏ ଗ୍ରାମବାସୀ କାଷ୍ଠଜୀବିଗଣ
ନାରୀମାନଙ୍କୁ କର ନିମନ୍ତ୍ରଣ
ଅଣି ଅର୍ଥ ପ୍ରଲୋଭନେ,
ଏକ ଏକ କରି ଏ ଅଷ୍ଟକ ତରୀ
ପରଶାନ୍ତୁ ପ୍ରତି ଜଣେ ।
ତାଙ୍କ ମଧ୍ୟେ ଅଛି ଏକ ସୁନ୍ଦରୀ
ଶୈଳ-ସ୍ତୁପ ମଧ୍ୟେ ହୀରକ ପରି
ମହା ପତିବ୍ରତା ସେହି ରମଣୀ
ଭାସିବ ପରଶେ ତାହ ତରଣୀ
ଏ ମୋର ଗଣନା କଥା,
ପରୀକ୍ଷା କର ଯା କହିଲି ତୁମ୍ଭଙ୍କୁ
ନ ହେବ କେବେ ଅନ୍ୟଥା ।"
ଶ୍ରୀବତ୍ସ ଚିନ୍ତାର ଶାନ୍ତି-ତରଣୀ
ମନ୍ଥନ ବ୍ୟବସ୍ଥା କରିଲ ଶନି
କଲେ ପ୍ରସ୍ଥାନ, ଏଥୁ ଅନନ୍ତରେ
ସାଧୁ ଅଦେଶେ ସାଧୁ ଅନୁଚରେ
ଅର୍ଥେ ବଶୀଭୂତ କରି

ଏକେ ଏକେ ସର୍ବ   ପଲ୍ଲୀବାସିନୀଙ୍କୁ
ସ୍ପର୍ଶ କରାଇଲେ ତରୀ ।
ମାତ୍ର ରହିଲା ତରଣୀ ନିଶ୍ଚଳେ
ଦେଖି ସାଧୁ ପୃଚ୍ଛେ ଭୃତ୍ୟ ସକଳେ—
"ଦୈବଜ୍ଞ-ବଚନ ନୁହଇ ମିଥ୍ୟା
ଅସିଛନ୍ତି କି ସର୍ବ ବନିତା ?
କହ ମୋତେ ତଥ୍ୟବାଣୀ"
ଶୁଣି ଯୋଡ଼େ ହସ୍ତେ   ନିବେଦିଲେ ଭୃତ୍ୟେ
କପୋଲେ ନିବେଶି ପାଣି—
"ହେ ପ୍ରଭୁ, ଅଛି ଏକ ନାରୀ
ଗଲା ତାର ପତି ତାକୁ ନିବାରି,
କାଷ୍ଠ ଅହରଣ କରି ଅରଣ୍ୟେ
ନ ଭୁଲିଲା ସେ ଧନ-ପ୍ରଲୋଭନେ
ଯେଣୁ ହତାଶ ହୋଇଲୁଁ,
ଅନ୍ୟ ପଲ୍ଲୀନାରୀ—   ମାନଙ୍କୁ ସଙ୍ଗତେ
ଘେନି ସକଳେ ଫେରିଲୁଁ ।
ପୁଣି ସୌଦାଗର ମନେ ଭାଳଇ
"ନିଶ୍ଚୟ ସେ ପତିବ୍ରତା ଅଟଇ,
ତା ପରଶେ ନିଶ୍ଚେ ଭାସିବ ତରୀ,
ମାତ୍ର ସେ କର୍ମ ନ ପାରିବେ କରି
କର୍ମଚାରୀଏ ମୋହର"
ଏହା ପାଞ୍ଚି ଚନ୍ଦ୍ରା   କୁଟୀର ଅନ୍ୱେଷି

ଗଲେ ସ୍ୱୟଂ ସୌଦାଗର ।
କୁଟୀର ଦୁଆରେ କୁଟିଳକେଶୀ
କର-କମଳେ କପୋଳ ନିବେଶି
ପତି ଆଗମନ ପଥକୁ ଚାହିଁ
ଚନ୍ଦ୍ରା-ପାସ୍ୱବରେ ମନ ମଜ୍ଜାଇ
ବସିଥିଲେ ମହାସତୀ
ଅଧୋବଦନରେ ନିରବଲମ୍ବିନୀ
ଇନ୍ଦନ-ପିତୁଳା ମତି ।
ସହସା ସୌଦାଗର ତାଙ୍କ ପାଶେ
ପ୍ରବେଶି, ଗଳଲଗ୍ନୀକୃତବାସେ
ପ୍ରଣମି, ସାଷ୍ଟାଙ୍ଗେ ପଡ଼ି ପୟରେ
ସଜଳ ନୟନେ ଅତି କାତରେ
କହେ ଗଦଗଦ ବାଣୀ—
ଅଧମ ସୁତକୁ "ଦୟା କର ମାତଃ,
ଦୟାବତୀ ସତୀରାଣୀ !"*
ଶୁଣି ସୌଦାଗରେ କରୁଣ କଥା
କାରୁଣ୍ୟପ୍ରତିମା ଲଭିଲେ ବ୍ୟଥା
ରୁଦ୍ରନ୍ଦ୍ରା ଦର୍ଶନେ ଭୁଜଙ୍ଗୀ ପର
କର୍ତ୍ତବ୍ୟବିମୂଢ଼ା ! ରାଜସୁନ୍ଦରୀ—
ହୃଦୟ ହୋଇ ଅକୁଳ

---

* ସତୀମାନଙ୍କର ରାଣୀ

ବିଷମ ସମସ୍ୟା—   ପାରିବାବେ କୃଷ୍ଣ
ନ ପାଇଲେ ଥଳ କୂଳ ।
ଭାଳନ୍ତି "ନ ଯିବାକୁ ନଦୀଗର୍ଭରେ
ନିଷେଧି ନାଥ ଗଲେ ଅଗ୍ରେ ଅଗ୍ରେ
ପ୍ରାଣେଶଙ୍କର ଆଦେଶ ଲଙ୍ଘନ
କିପରି କରିବି ନ ବଳେ ମନ
ଏଣେ ଶରଣାଗତଙ୍କୁ
ନ କଲେ ରକ୍ଷଣ   ହୋଇବ ସଞ୍ଚିତ
ଅଧର୍ମ ଚିରକାଳକୁ ।
ଶୁଣିଛି ମୁନି-ମୁଖେ ବେଦଶାସ୍ତ୍ର
ରଖିବ ପ୍ରାଣ ଦେଇ ଶରଣାର୍ତ୍ତେ,
ଯା କହିବେ ନାଥ ଶୁଣି ଏ କଥା
ସହିବି ସକଳ ନୁଆଇଁ ମଥା
ଧରି ତାଙ୍କ ଶ୍ରୀଚରଣ"
ଏତେ ଭାଳି ସତୀ   କଲେ ସାଧୁ ସହ
ତଟିନୀମୁଖେ ଗମନ ।
ସତୀ-ଗତି ଦେଖି ନୈଷ କୁଟୀର
କାନ୍ଦେ କି ନୀରବେ ହୋଇ ଅଧୀର !
ଗୋଟି ଗୋଟି ତୃଣ ଶିରୁ ଖସାଇ
ବାରଣ କରେ କି ନ ଯିବାପାଇଁ ।
ପାଳିତ ତରୁ ବଲ୍ଲରୀ
ବାୟୁବିକମ୍ପନ—   ଛଳେ କି ବାରନ୍ତି

ଶାଖା ସଞ୍ଚାଳନ କରି !
କାନ୍ଦନ୍ତି ଅବା ବସି ତାଙ୍କ ଚୂଳେ
କୁରର କୁରରୀ ଝୁରି ଅକୁଳେ !
କୁଟୀର ପ୍ରାଙ୍ଗଣେ ଅଲକ୍ଷ୍ୟେ ଥାଇ
ଦେଉଥାଏ କି ଚନ୍ଦ୍ରାଙ୍କୁ ଚେତାଇ
ଗୃହଗୋଧା ମୃଦୁନାଦେ
"ଯାଅ ନା ଯାଅ ନା ଫେରିଅସ ସତୀ,
ଗଲେ ପଡ଼ିବ ପ୍ରମାଦେ ।"
କଣ୍ଟକ ବାଡ଼ କୁଟୀର ସମ୍ମୁଖେ
ଟାଣେ ଅବା ସତୀ ଅଞ୍ଚଳ ଦୁଃଖେ ।
ଉଡ଼ାଇ ରେଣୁ ତୁଲେ ତୃଣ ପତ୍ର
ରୋଧେ କି ବାଟ ସତୀ-ଗତିପଥ ।
ମାତ୍ର ସେ ନିଷେଧବାଣୀ
ନ ମାନି ଅଲକ୍ଷ୍ୟେ ସତୀଙ୍କୁ ସବଳେ
କର୍ମ ନେଇଗଲା ଟାଣି ।
ସୌଦାଗର ସଙ୍ଗେ ଉଟିଣୀତିରେ
ପରବେଶୁ ଧୀରରତନ ଧୀରେ,
ଗାମ୍ଭୀର୍ଯ୍ୟ—ଲଜ୍ଜା — ବିଜଡ଼ିତାନନ
ଦୃଢ଼ତାବ୍ୟଞ୍ଜକ ଗୃହୁ ନୟନ
ପବିତ୍ର ଶାନ୍ତ ଗୃହାଣୀ,
ବିଲୋକି ବିମୁଗ୍ଧେ ଚିତ୍ରାର୍ପିତ ପ୍ରାୟେ
ରହିଗଲେ ସର୍ବ ପ୍ରାଣୀ ।

ଅନନ-ସଙ୍ଗେଜ ଅନତ କଭ
ତଟିନୀନୀରେ ଧୀରେ ଅବତରି,
ତରଣୀ ପରଶୁଁ ସତୀ ତତ୍‌କ୍ଷତ
ଭାସିଉଠିଲେ ପୁଷ୍ପଗୁଚ୍ଛ ମତ,
ଦେଖି ତାହା ମହାଜନ
ସହ ସମବେତ ନରନାରୀବ୍ରାତ
ହେଲେ ବିସ୍ମୟେ ମଗନ ।
ବଣିକବର ସାଧୁ ହୃଦୟଗତେ
“ମହା ପତିବ୍ରତା ଅଟେ ଏ ସତେ !
ମାନବୀ ନୁହେଁ ଏ ନିଶ୍ଚୟ ଦେବୀ,
ଯେବେ ମୁଁ ଏହାକୁ ସଙ୍ଗତେ ନେବି
ଜଳପଥେ କିଛି ଭୟ
ନ ରହିବ ମୋର ବିନା ବାଧାବିଘ୍ନେ
ତରିବ ତରୀ ନିଶ୍ଚୟ ।”
ଏହା ଭାଳି ସାଧୁ ବଳତକାରେ
ସତୀଙ୍କି ଉଠାଇ ଦେଲା ନୌକାରେ
ଚୋଳିଲ କି ଅବା ମଦାନ୍ଧ କରୀ
ସହୁଁ ସଜ ସରସିଜକୁ ଧରି
ଅବା ସ୍ୱର୍ଣ୍ଣବଲ୍ଲରୀକି,
ଅଶ୍ରିତ ପାଦପୁଁ ନେଇଗଲା ବଳି
ନିର୍ଦ୍ଦୟ ତସ୍କର ହିଁକି ?
କି ଅବା ଭଗିଲ ଅହି କବଳେ

ଧରିଲ ବନବିହଙ୍ଗୀକି ବଳେ
ଅବା ଗଣବଣା ଏଣୀକି ଧରି
ଦେନ୍ନଯାଏ କାଲରୂପୀ କେଶରୀ
ଗ୍ରାସିଦେଲ ଆସି ଅବା
ରାହୁଁ ରାହୁଁ କାହୁଁ ନିମେଷକେ ସହୁ
ପୂର୍ଣ୍ଣ ଶରଦିନ୍ଦୁ ପ୍ରଭା ?
ଅହା କି କାରୁଣ୍ୟେ ବେଦନ୍ତି ସତୀ
ସଞ୍ଚାଣ କବଳେ କୁରଙ୍ଗୀ ମତ
ପଡ଼ି ସୌଦାଗର ଚରଣତଳେ
କାକୁତି ମିନତି ଯେତେହେଁ କଲେ
ନ ଶୁଣେ କଥା ତାଙ୍କର,
ସେ ଅର୍ଥପିଶାଚ— ମଦାନ୍ଧ-ପାପିଷ୍ଠ—
ସ୍ୱାର୍ଥପର ସୌଦାଗର ।
ହରାଇ ଶ୍ରୀବସ୍ତ୍ର ସର୍ବ ସମ୍ପଦ
ପଦେ ପଦେ ଭୋଗି ଭୋଗି ବିପଦ
ବନେ ବନେ ବୁଲି ଦୀନ ବେଶରେ
ଶାନ୍ତିର ଆଧାର କରି ପାଶରେ
ରଖିଥିଲେ ସଯତନେ,
ଯେଉଁ ରାଜକୁଳ— ସାଗରସମ୍ଭୂତା
ଅମୂଲ୍ୟ ନାରୀରତନେ,
ତାହାଙ୍କୁ ଏବେ ନେଇ ବଳେ ଧରି
ଦୁର୍ବୃତ୍ତ ବଣିକ ହରଣ କରି

—ପୃ ୬୩ ଷ୍ଠା

ତରଣୀଟୋପରେ ରଖିଲ ନେଇ
କରପଦେ ଲୌହଶୃଙ୍ଖଳ ଦେଇ
ପଳାଇଯିବା ଶଙ୍କାରେ
'ସତ୍ୱର ତରଣୀ ବାହ 'ବୋଲି ଖଳ
ଆଜ୍ଞା ଦେଲ କର୍ଣ୍ଣଧାରେ ।
ନ ଟଳନ୍ତେ ସୌଦାଗର ହୃଦୟ
ହୋଇ ସମ୍ପୂର୍ଣ୍ଣରୂପେ ନିରାଶୟ
ଅତି କାତରକଣ୍ଠେ ମହାସତୀ
ବିଶ୍ୱନାଥେ ପ୍ରାର୍ଥନା କରନ୍ତି,
ଭାସି ଭାସି ଅଶ୍ରୁଜଳେ,
ଊର୍ଦ୍ଧ୍ୱ ମୁଖ ତୋଳି ତରୁଣୀମଣ୍ଡଳୀ-
ରତ୍ନକଣ୍ଠସ୍ୱ ବାକଲେ—
"ହେ ଦେବ ଦୀନବନ୍ଧୁ ଜଗତ୍ପତି ।
ହେଉଗଲ ଏ ଅଭାଗିନୀ ସମ୍ପ୍ରତି
ଏ ଦୁର୍ଦ୍ଦାନ୍ତ-ହସ୍ତେ ଯେ ଅପମାନ
ସ୍ୱନୟନେ ଦେଖୁଅଛ ଭଗବାନ !
ଅଜି ଏ କରମେ ଯାହା
ଲିଖିଅଛି ବିଧି ଦୟାମୟ ! ଏକା
ତୁମ୍ଭଙ୍କୁ ଗୋଚର ତାହା ।
କର୍ମ କରଫଳେ ଯାବତ ଦୁଃଖ
ଦେଇ ଏ ଦାସୀଙ୍କ ଚନ୍ଦ୍ରମୁଖ ।
ସ୍ୱଧର୍ମ-ରକ୍ଷଣେ ସୁଦୟା କର

ସ୍ୱରୂପ ଯୌବନ ନେଇ ମୋହର
ଦିଅ ଜଗତ୍ପତି ଗାତ୍ର,
ଏ ଦେହ ପରଶ କରିବାକୁ ହେଉ
ଅପରର ଘୃଣା ଜାତ ।"
ସତୀ-ଆରତି ଜାଣିଲେ ମିହିର,
ହେଲ ସେହିକ୍ଷଣି ସତୀ ଶରୀର
ଗଳିତ ଧବଳ କୁଷ୍ଠ ମୂରତି,
ବୀଭତ୍ସ ଦୁର୍ଗନ୍ଧ ପ୍ରକଟେ ଅତି,
ତାହା ଦେଖି ଦେବୀ ଚନ୍ଦ୍ରା
ରହିଲେ ଅଶ୍ୱସ୍ତା ହୋଇ ତରଣୀରେ
କରି ପତିପଦ-ଚିନ୍ତା ।
ଶୁଣିଲେ ଧ୍ୟାନମଗ୍ନା ଚନ୍ଦ୍ରାରାଣୀ
ସହସା ହୋଇଲା କି ଦୈବୀବାଣୀ —
"ଅଳ୍ପ ଦିନେ ସତୀ ! ଖଣ୍ଡିବ କଷ୍ଟ
ହୋଇବ ପୂର୍ଣ୍ଣ ସକଳ ଅଭୀଷ୍ଟ
ଥିବ ଏହି ରୂପ ଧରି,
ବିନା ଯନ୍ତ୍ରଣାରେ ସେହି ପରଯନ୍ତେ
ରଙ୍ଗଭୂମେ ନଟୀପରି ।" *
ସ୍ୱର୍ଣ୍ଣ ପ୍ରତିମା ଚନ୍ଦ୍ରାକୁ ନଦୀରେ
ବିସର୍ଜି ଫେରିଯିବାକୁ କୂଳରେ
ନ ବଳିଲା ପଲ୍ଲୀବାଳାଙ୍କ ଚିତ୍ତ

* ନଟୀ ଦର୍ଶକମାନଙ୍କୁ ଦୃଶ୍ୟ ଦେଖାଏ, ମାତ୍ର ତା'ର କୌଣସି ବିକାର ନ ଥାଏ ।

ହେଲା ହୃଦୟ ଶୋକେ ବ୍ୟାକୁଳିତ,
କିବା କଲିକା ତାଙ୍କର
ସବଳେ ଛଡ଼ାଇ   ନେଇ ଯାଇଅଛି
ସେ ନିର୍ମମ ସୌଦାଗର ।
ଚନ୍ଦ୍ରା ତାଙ୍କର ପ୍ରାଣୁଁ ପ୍ରିୟତର,
ଚନ୍ଦ୍ରା ଲାଗି ତାଙ୍କ ପଲ୍ଲୀ ସୁନ୍ଦର,
ଚନ୍ଦ୍ରାର ସରଳ ଲଳିତ ଭାଷେ
ଅପୂର୍ବ ପୁଲକସାଗରେ ଭାସେ,
ପଲ୍ଲୀ-ସୁନ୍ଦରୀଙ୍କ ପ୍ରାଣ
ସେ ଚନ୍ଦ୍ରାକୁ ଏବେ   ହରାଇ ସରବେ
ଶୋକେ ହେଲେ ମ୍ରିୟମାଣ ।
ନୟନ ପୂର୍ଣ୍ଣ କରି ଅଶ୍ରୁଜଳେ
ନଦୀତୀରେ ଗୃହୀଁ ଥିଲେ ନିଷ୍ଫଳେ,
ସେ ଦୁର୍ବଶୟ ସାଧୁ ତରୀ ଯେତ
ଅନ୍ତୁପ୍ତନୟନେ ସର୍ବ ଯୁବତୀ
ଅଦୃଶ୍ୟ ହେବାରୁ ତରୀ,
ପଲ୍ଲୀ-ଅଭିମୁଖେ   ଫେରିଲେ ସଶୋକେ
ଦୀର୍ଘଶ୍ୱାସ ପରିହରି ।
ଏଣେ ବନ୍ଦ କାଷ୍ଠ କରି ସଂଗ୍ରହ
ଫେରିଲେ ଶ୍ରୀବତ୍ସ ଭୂଷଣ-ନିଳୟ,
ଗୁରୁ କାଷ୍ଠଭରେ ହୋଇ ଅକ୍ରାନ୍ତ
ଅବଶ ମଳିନ ଶୁଷ୍କ ଘର୍ମାକ୍ତ,

ପୁଲକିତ କଳେବର,
ବଣୁଥାଏ ଅହା   ବହୁ ଗ୍ରାସିଥିବା
ଖଣୀ ଆକାର ମାତର ।
ନିକ୍ଷେପି ଇନ୍ଧନଭାର ପ୍ରାଙ୍ଗଣେ
'ପ୍ରିୟେ ! ପ୍ରିୟେ !' ବୋଲି ଡାକିଲେ କ୍ଷଣେ
ନ ପାଇ ଉତ୍ତର ବିସ୍ମିତଚିତ୍ତେ
କୁଟୀରଭିତରେ ପଶି ତ୍ୱରିତେ
ଦେଖିଲେ ନାହାନ୍ତି ସତୀ,
ସଚକିତ ଚିତ୍ତେ   ଖୋଜନ୍ତି ନରେଶ
କୁଟୀରର ଚଉକତି ।
ନ ପାଇ ପ୍ରତିବେଶୀଙ୍କ ଆବାସେ
ଯାଉଁ ନରନାଥ ପୃଚ୍ଛିବା ଆଶେ,
ନ ଦେଖନ୍ତେ ପଲ୍ଲୀ ନାରୀମାନଙ୍କୁ
ଲେଉଟି ଆସି ନିଜ କୁଟୀରକୁ
ଭାଳନ୍ତି ଭୂପଶେଖର,
"ନଦୀତୀରେ ସର୍ବେ   ଯାଇଛନ୍ତି ପରା ।
ଆସିବେ ଫେରି ଏଥର ।"
ଏ କାଳେ ସକଳ ପଲ୍ଲୀବାସିନୀ
ହେଲେ ଆସି ପଲ୍ଲୀ ପାର୍ଶ୍ୱବର୍ତ୍ତିନୀ,
ଚନ୍ଦ୍ରା-ଆଗମନ ପ୍ରତୀକ୍ଷା କରି
ପଥେ ଚାହିଁଥିଲେ ନୃପକେଶରୀ,
ଦେଖି ତାଙ୍କୁ ସମ୍ମୁଖରେ

କୋମଳପରାଣା—   ରମଣୀଙ୍କ ଶୋକ—
ଉଚ୍ଛ୍ୱାସ ଉଠିଲା ଶିରେ ।
ସରଳା   ଅନଭିଜ୍ଞା   ପଲ୍ଲୀ-ନାରୀ
ଦୁରୁ ଦୁଃଖାବେଗ ସହି ନ ପାରି
ଅଶ୍ରୁଜଳେ ପ୍ଲାବି କପୋଳ ଉରେ
ଗଦ୍‌ଗଦ୍‌କଣ୍ଠେ ନୃପ-ସମ୍ମୁଖରେ
କହିଲେ ଯେଉଁ ବୃତ୍ତାନ୍ତ
ସେ ବୃତ୍ତାନ୍ତ କଲା   କୃତାନ୍ତ ପରାଏ
ନୃପ-ଶିରେ ବଜ୍ରାଘାତ ।
ହେଠ ବଦନେ ଶ୍ରୀବତ୍ସ ନରେଶ
ଶିରେ ବେଢ଼ି କର କରି ନିବେଶ
ବସି ପଡ଼ିଲେ ସ୍ଥାଣୁ ପରକାରେ
ବସୁନ୍ଧରାପତି   ବସୁନ୍ଧରାରେ
ତୃଣକୁଟୀର ସମ୍ମୁଖେ
ଚନ୍ଦ୍ରାରାଣୀ ଚନ୍ଦ୍ରା—   କାଳିମା-କବଳିତ
ଖେଦାର୍ଦ୍ର ଗମ୍ଭୀର ମୁଖେ ।
ଅମାତ୍ୟଙ୍କ କାଷ୍ଠଜୀବୀଏ ଅସି
କହିଲେ କାତରେ ଯେତେ ଆଶ୍ୱାସି,
ନରପତି ଦୁଃଖେ ହୋଇ ଦୁଃଖିତ
ସାରଲ୍ୟ-ସହାନୁଭୂତି-ପୂରିତ
ସାନ୍ତ୍ୱନାଦାୟକ କଥା
ଶ୍ରବଣେ ତାଙ୍କର   ନ ଭେଦିଲା ତଳେ

ବିଫଳ ହେଲା ସର୍ବଥା ।
ଆଜ ଫଳିଲା ଶନିର ବଚନ
ଆଜ ଗୃହଶୂନ୍ୟ ହେଲେ ରାଜନ
ଆଜ ତାଙ୍କ ନେତ୍ରେ ସାରା ସଂସାର
ବିଭୀଷିକାମୟ ମରୁ ଅନ୍ଧାର
ପରାଏ ହେଲା ପ୍ରତୀତ,
ରହି ଜଡ଼ ପ୍ରାୟ ବହୁକ୍ଷଣ ଯାଏ
ପୁଣି ହେଲେ ପ୍ରକୃତିସ୍ଥ ।
କି ଭୀଷଣ ତାଙ୍କ ପ୍ରାଣର ଗତି
କେଶବଣୀ ବିନେ କେଶରୀ ମତି
ଉଠି ଶୋକୋନ୍ମତ୍ତ ଶ୍ରୀବତ୍ସ ୯ରେ
ଧାଇଁଲେ ତଟିନୀ-ତଟ-ମୁଖରେ
ହୋଇ ବାହ୍ୟଜ୍ଞାନଶୂନ୍ୟ
ନଦୀତୀରେ 'ପ୍ରିୟେ, ପ୍ରିୟେ' ବୋଲି ଡାକ
କରନ୍ତି ଉଚ୍ଚେ କାରୁଣ୍ୟ ।
କାମ୍ବୁଜୀବୀମାନେ ଅପି ତାହାଙ୍କୁ
ପ୍ରବୋଧିଲେ ଯେତେ ଫେରାଇବାକୁ,
ନ ଶୁଣି କାହାର ବଚନ କର୍ଣ୍ଣେ
ସମସ୍ତଙ୍କ ପାଶୁଁ ବ୍ୟାକୁଳ ମନେ
ବିଦାୟ ନେଇ ଅଧୀରେ
ପ୍ରିୟାଗତପଥ ଅନୁସରି ଗତ
କଲେ ନଦୀ ତୀରେ ତୀରେ

ସପ୍ତମ ସର୍ଗ

ରାଗ—କାମୋଦୀ

ଶଙ୍କା-କୋପରେ ଶେଷ   ହେଲା ସର୍ବସ୍ୱ, ଲେଶ
ନାହିଁ ଶ୍ରୀବତ୍ସ ପ୍ରାଣେ ମାୟା,
ନୈରାଶ୍ୟ ଉତ୍ତାପର   ତାପ ହରେ ତାଙ୍କର
ଯେ ପ୍ରେମ-ବଲ୍ଲରୀର ଛାୟା,   ସେ ବିପଦେ
ଛାୟା ପରାଏ ରହୁ ପାଶେ,
ବାନ୍ଧି ନିଗଡ଼େ ପ୍ରୀତିପାଶେ,
ବିଧି ତା ଉତ୍ପାଟନ   କରି କଲା ହରଣ
ପ୍ରଚଣ୍ଡ ଦୁର୍ଯୋଗ ବତାସେ ।
ହରଷରସଶୂନ୍ୟ   ଦୁଃଖ-ବାଲୁକାପୂର୍ଣ୍ଣ
ଦୁଶ୍ଚିନ୍ତା ଅନଳେ ଉତ୍ତପ୍ତ
ରାଜା ଶ୍ରୀବତ୍ସଙ୍କର   ଭୀମ ମରୁ-ପ୍ରାନ୍ତର
ହୃଦୟ ମଧ୍ୟରେ ସତତ,   ସୁଧାସମ
ବହୁଥିଲେ ଯେ କଲ୍ଲୋଳିନୀ,
ମଞ୍ଜୁଳ-କଳ-ନିନାଦିନୀ
ରହିଲେ କେଉଁ ଦେଶେ   ଭିନ୍ନ ହୋଇ ଏବେ ସେ
ପ୍ରୀତି-ପ୍ରତିମା-ସ୍ୱରୂପିଣୀ ?
ସୌଭାଗ୍ୟ-ଲୀଳୋଦ୍ୟାନ   ବରଜ ନବରଣ

ଯେବଣ ପୁଷ୍ପଟି ମାଗିଲେ
ଧେନୁ ପଳାଇ ଅସି   ହୋଇ କାନନବାସୀ
ଦୁଃଖ ଭୁଲିଲେ ରଖି କୋଳେ,   ସେ ବିଷାଦେ,
ତା ଗୁଣ ସଉରଭ ଘ୍ରାଣ,
ତା ପ୍ରୀତି-ମକରନ୍ଦ ପାନ
କରୁଥିଲେ ଉତ୍ଫୁଲ୍ଲେ   ଉଡ଼ାଇ ସେହି ଫୁଲେ
ନେଲା ବଣିକ ପବମାନ ।
ରାଜଭାଗ୍ୟ-ଗଗନ   ହେଲେହେଁ ସମାଚ୍ଛନ୍ନ
ଘୋରତମସେ ଗ୍ରହବଳେ
ଯାର ସାନ୍ତ୍ୱନା ବାଣୀ   ବିକଶୁଥାଏ ଅଣି
ଅଶା-ଅଲୋକ ମହୋଜ୍ଜ୍ୱଳେ,   ଅକସ୍ମାତେ
ସେ ରାଜ-ହୃଦମଣି-ହାର
ଅଶା-ଅକାଶ ଧ୍ରୁବତାର
ବାରହୁଁ ବିଦ୍ୟୁ ପରି   ଖସି କୁଟୀରୁ ତସ୍ରି
ଗୋମୟକୁଣ୍ଡେ ହେଲେ କାର । *
ସ୍ଥାପି ମନ-ମନ୍ଦରେ   ହୃଦୟ-ଖଟୁଲୀରେ
ସେ ପ୍ରୀତି-ପ୍ରତିମାର ରୂପ
ଅବଗାହି ଲୋତକେ   ପ୍ରୀତି-ପୁଷ୍ପ-ସ୍ତବକେ
ପୂଜି ପ୍ରେମ-ଅବେଶେ ଭୂପ,   ସେ ବିଷାଦେ

---

* ବିଦ୍ୟୁତ୍ ଗୋବରଖାଡ଼ିରେ ପଡ଼ିଗଲେ ଅଉ ଯାଇ ପାରେ ନାହିଁ ବୋଲି ପ୍ରବାଦ ଅଛି ।

ବେଦନ ଘଣ୍ଟାନାଦ ସହ
ନୈବେଦ୍ୟ ଦୀର୍ଘଶ୍ୱାସଚୟ
ଦେଇ ଗଭୀର ଦୁଃଖେ 'ହା ପ୍ରିୟେ' ମନ୍ତ୍ର ମୁଖେ
ଜପି ଭ୍ରମନ୍ତି ଅହରହ ।
ଦୁଃଖ ଆବେଗବେଳେ ଭୁଲନ୍ତି ବେଳେ ବେଳେ
ଅଗାଧ ଜଳେ ଦେଇ ଝାସ
ସକଳ ଦୁଃଖ ତାପ ଚିନ୍ତା ଶୋକ ସନ୍ତାପ
ଯନ୍ତ୍ରଣା କରିବେ ବିନାଶ, ମାତ୍ର କାହିଁ
ଆଶାର କ୍ଷୀଣ ରଶ୍ମି ରେଖା
ପୁଣି ସେଧଇ ଦେଇ ଦେଖା
ଧର୍ମଭୀରୁ ମାନବ ଭାଗ୍ୟେ କିଛି ସମ୍ଭବ
ଆତ୍ମହତ୍ୟା ପାତକ ଲେଖା ?
ବାନ୍ଧ ବନ୍ଧ ଆଶାରେ ସୁଦିନ ପ୍ରତୀକ୍ଷାରେ
ଭ୍ରମନ୍ତି ସିଏ ଦେଶେ ଦେଶେ,
କ୍ରମାଗତରେ ପଥ ବାହି ଯାଆନ୍ତି ମାତ୍ର
ନ ଥାଏ ମନେ ଲକ୍ଷ୍ୟ ଲେଶେ, ନରବର
ପଦଯୁଗଳ ଅବା ଚଳେ
କି ଗୂଢ଼ ଶକତିର ବଳେ
ପାରନ୍ତି ନାହିଁ ଜାଣି ଭାଗ୍ୟ ନେଉଛନ୍ତି ଟାଣି
କେଉଁ ଅଜଣା ରାଜ୍ୟେ ବଳେ !
ବହୁତ ଉପବନ ଗିରି ନଦୀ ଗହନ
ନିର୍ଝର କନ୍ଦର ପ୍ରାନ୍ତର

ଶସ୍ୟ ଶ୍ୟାମାୟମାନ   ଯେସବ ଗ୍ରାମ ଶ୍ମଶାନ
ଜନପୂର୍ଣ୍ଣ ଗ୍ରାମ ନଗର,   ଭ୍ରମି ଭ୍ରମି
କୂପ ତଡ଼ାଗ ସରୋବର
ହୋଇ ଜର୍ଜୀର୍ଣ୍ଣ ବହୁତର
ହୋଇଲେ ଉପନୀତ   ଏକ କଳ୍ପନାତୀତ
କାନନ-ରାଜ୍ୟ ନରବର ।
ଚନ୍ଦ୍ରାନନ୍ଦ ନାମରେ   ନିବିଡ଼ ଅରଣ୍ୟରେ
ଯହିଁ ସୁରଭୀର ଆଶ୍ରମ,
ଡରେ ଯେ ବନଶୋଭା   ସୁରାସୁରଙ୍କ ଲୋଭା
ନ ପଶେ ଭୟେ ଯହିଁ ଯମ,   ଗଲେ ତହିଁ
ବିବିଧ ବୃକ୍ଷ କୁସୁମରେ
ଖେଳି ବସନ୍ତ ଯେ ବନରେ
ବିହରେ ବାର ମାସ   ଲଭି ମହା ଉଲ୍ଲାସ
ଗୁଞ୍ଜରି ଭ୍ରମନ୍ତି ଭ୍ରମରେ ।
ଅପୂର୍ବ ମନୋହର   ସକଳ ସରୋବର
କନକ-କମଳେ ମଣ୍ଡିତ,
ସେ ସରସିଜୁଁ ଲଭି   ସୁମନୋଜ୍ଞ ସୁରଭି
ସଲିଲ-ଶୀତଳ ବାସିତ,   ସେହି ବନେ
ପଞ୍ଚମ ତାନ କୋକିଳାର
ଗୁଞ୍ଜନ ସ୍ୱନ ସରଘାର
ପକ୍ଷୀକାକଳୀ ଡାଳେ   ଆଶ୍ରମପଦେ ତାଳେ
ସହସ୍ର ବୀଣାର ଝଙ୍କାର ।

ସେ ବନେ ଯେତେ ଜନ୍ତୁ   ସର୍ବେ ଅଜାତଶତ୍ରୁ
ନିରତ ପରସ୍ପର ହିତେ
ଧରଇ ଶିଶୁ କରି—   ମୁଖେ ନେଇ କେଶରୀ
ନାରିକେଳ ପରମ ପ୍ରୀତେ,   ସେ ବନସ୍ତେ
ଖେଳାଏ ବାଳମୃଗେ କୋଳେ
ଶାର୍ଦ୍ଦୁଳୀ କିବା ସ୍ନେହଭରେ
ଉତ୍‌ପୁଚ୍ଛେ ପୁଚ୍ଛ ଟେକି   ନାଚନ୍ତି ଉଲ୍ଲାସେ କେକୀ
ଅହି ତା ପଛେ ଲମ୍ବି ଦୋଳେ ।
ଦୂର ପର୍ବତୁଁ ଝରି   ହୀରକହାର ପରି
କାନନ-କମଳାର ବକ୍ଷେ,
ବହି ଯାଆନ୍ତି ଖରେ   କଳ କଳ ନାଦରେ
ତଟିନୀ ସହଚରୀ ଲକ୍ଷେ;   ସେହି ବନେ
ଅଗଣିତ   ଗିରି-ନନ୍ଦିନୀ
କ୍ଷୀଣ-ଅଙ୍ଗିନୀ   ନିର୍ଝରିଣୀ
ପରଶି ଯାର ଜଳେ   ପତ୍ର କୁସୁମ-ଫଳେ
ତରୁ ବ୍ରତତୀ ସ୍ତବକିନୀ ।
ସୁବିମଳ ଧବଳ   ଗୋବତ୍ସା ପଲ ପଲ
ଗୋମାତା ସୁରଭି-ସନ୍ତାନ
ହମ୍ବାରବେ କାନନ   କମ୍ପଇ ଘନଘନ
ଭକ୍ଷନ୍ତି ତୃଣାଙ୍କୁରମାନ,   ଭ୍ରମି ଭ୍ରମି
ମହା ପୁଣ୍ୟବାନ ନୃପତି
ସେ ବନେ ପ୍ରବେଶୁଁ ଝଟତି

ଧ୍ୟାନେ ହୋଇ ବିଦିତ ହୋଇଲେ ଉପନୀତ
ନୃପ-ଅଗ୍ରେ ଗୋମାତା ସତୀ ।
ହୋଇ ଅତି ସଦୟ ଶ୍ରୀବତ୍ସେ ପରିଚୟ
ପୁଚ୍ଛିଲେ ସେ ସୁରଭି ମାତ,
ସକଳ ବିବରଣ ସବିନୟେ ରାଜନ
କହିଲେ କରି ଆଦ୍ୟ ପ୍ରାନ୍ତ, ତାହା ଶୁଣି
ସଦୟେ ଦୟାମୟୀ ସତୀ
ଆଶ୍ୱାସି ମଧୁରେ ଭଣନ୍ତି
"ମୋର ଆଶ୍ରମେ ରହ ଯାବତ ମନ୍ଦଗ୍ରହ
ଖଣ୍ଡନ ହୋଇବ ନୃପତି ।'
ଅସଙ୍କୋଚରେ କାଳ ଯାପ ଅବନୀପାଳ;
ପୁଣି ଆସିଲେ ସୁସମୟ
ହେବ ବସୁଧାପତି ଲଭିବ ଚିନ୍ତା ସତୀ,
ଏଠାରେ ନାହିଁ ଶନିଭୟ, ମୋ ପ୍ରଭାବେ
ଏ ଅଟେ ଅଭୟଦ ସ୍ଥାନ
କର ଯଥେଷ୍ଟ ଦୁଗ୍ଧ ପାନ
ରହ ଏଥି ନିଶ୍ଚିନ୍ତେ, ନ ଯାଅ କଦାଚିତେ
ଏ ବନ ଖଣ୍ଡ 'ସାବଧାନ' ।"
ସୁରଭିର ବଚନେ ଶାନ୍ତି ଲଭି ଜୀବନେ
ରହିଲେ ତହିଁ ନରରାଣ,
ସୁରଭିର ନନ୍ଦନୀ ପୟସ୍ୱିନୀ ନନ୍ଦିନୀ
କରାଏ ନୃପେ ଦୁଗ୍ଧପାନ ନିତି ନିତି

ସ୍ୱଚ୍ଛନ୍ଦେ ଦୁଗ୍ଧ ପାନ କରି
ମେଘମାନେ ଗୃହକୁ ଫେରି
ସ୍ୱଦନ ପ୍ରତୀକ୍ଷାରେ ରହିଲେ ସେହିଠାରେ
ଚନ୍ଦ୍ରା-ଚନ୍ଦ୍ରା ହୃଦୟେ ଭରି ।
ନିଷ୍କର୍ମେ କର୍ମବୀର ନ ବସି ନନ୍ଦବୀର
ଦୁଗ୍ଧାପ୍ଳୁତ ମୃତ୍ତିକା ଧରି
ଇଷ୍ଟକ ଅଗଣନ କରଣେ ସଂଗଠନ
ରଖନ୍ତି ଯୁଗ୍ମ ଯୁଗ୍ମ କରି, କଳିଗୁଚ୍ଛେ
ସେ ହୁଏ ସ୍ୱର୍ଣ୍ଣେ ପରିଣତ
ଲଭି କି ଅଲୌକିକ ଶକ୍ତି
ତା ଦେଖି ନରମଣି ଚମତ୍କାର ମଣି
ଆନନ୍ଦେ ଗଠନ କରନ୍ତି ।
ଶ୍ରୀବତ୍ସ ଭାଗ୍ୟଚକ୍ର ପୂର୍ଣ୍ଣ ହୋଇଲା ବକ୍ର
ଶନିମାୟା ପ୍ରଭାବବଳେ
ହୋଇ ସେ ମତ୍ତଚ୍ଛନ୍ନ କରନ୍ତି ଦିନେ ଭ୍ରମଣ
ପ୍ରିୟାନୁସନ୍ଧାନେ ବାହାରିଲେ, ଦୁର୍ଯୋଗକୁ
ଦେଖିଲେ ଦୈବେ ସମ୍ମୁଖରେ
ଏକ ବଣିକ ସରିତରେ
ଯାଏ ଅରୋହି ତରୀ ତାକୁ ନୃପ-କେଶରୀ
ଡାକିଲେ ଅତି ଉଚ୍ଚସ୍ୱରେ ।
କିପାଇଁ ନରବର ! ହୋଇ ଏତେ କାତର
ଡାକ ଏ ଧୂର୍ତ୍ତ ସୌଦାଗରେ

ଯେ କରନ୍ତି ହରଣ   ତବ ପରାଣଧନ
ଚନ୍ଦ୍ରାରାଣୀଙ୍କି ନୀଦ୍ଧ ଯୁରେ,   ରାକ୍ଷସ ସେ
ତାଠାରୁ କେଉଁ ଉପକାର
ଲଭିବ ଅହେ ଗୁଣାଧାର
କାଣେଁ କରମାୟୁଦ୍ଧେ   ତାଙ୍କ ଏଡ଼େ ଆରତେ
ସୌଦାଗରଙ୍କୁ ବାରମ୍ବାର ।
ଶୁଣିବସ୍ତ୍ର ଆବାହନ   ଶୁଣି ସେ ମହାଜନ
କୂଳକୁ ଆଣିଲେ ତରଣୀ,
କହିଲେ ତାଙ୍କୁ ଧୀରେ   ନୃପ କାକୁସ୍ଥ ଗିରେ
ବାପଦବନ୍ଧୁ ପର ମଣି,   "ମହାଜନ—
ଭାଇ ! ବଡ଼ ଦୁରବସ୍ଥାରେ
ପଡ଼ିଛି ମୁହିଁ ଏହିଠାରେ,
ହେଲେ ଦୟା ତୁମ୍ଭର   ଅନାୟାସେ ମୋହର
ଆସିବ ବଡ଼ ଉପକାରେ ।
ସ୍ୱର୍ଣ୍ଣ ଇଷ୍ଟକ କେତେ   ମୋର ପାଶେ ରହିଛି
ଯଦ୍ୟପି ହୋଇବ ସଦୟ
ତବ ସଙ୍ଗେ ଅକ୍ଲେଶେ   ବୁଲି ଦେଶେ ବିଦେଶେ
କରିବି ତା ସବୁ ବିକ୍ରୟ   ମହାଜନ !
ଲଭ ଯା ହୋଇବ ଅବଶ୍ୟ
ଲଭିବ ତବ ପ୍ରାପ୍ୟ ଅଂଶ ।"
ଶୁଣି ଭୂପ-ଭାରତୀ   ସାଦରେ ସନମତି
ଦେଲା ହୋଇ ଅତି ହରଷ ।

ବନ୍ଧୁ ଅଣିଲେ ସ୍ୱର୍ଣ୍ଣ— ଇଷ୍ଟଙ୍କ ଭୃତ୍ୟଗଣ
ନାବକୁ ସାଧୁ ଅଜ୍ଞା ପାଇ ।
ତରଣୀରେ ଉଦନ୍ତେ ନରନାଥ ସଙ୍ଗତେ
ବସିଲେ ଭୃତ୍ୟମାନେ ଯାଇ, ଉନ୍ମୁଖରେ
ବାହିଲେ ତରୀ କର୍ଣ୍ଣଧାର
ଏ ଅନ୍ତେ ସାଧୁ ଦୁରାଚାର
ସେ ସୁବର୍ଣ୍ଣ ହରଣେ ପାଞ୍ଚଇ ମନେ ମନେ
ନୃପେ କରିବାକୁ ସଂହାର ।
ଅର୍ଥଲୋଭେ ପ୍ରମତ୍ତ ହୋଇ ସେ ଦର୍ପୋଦ୍ଧତ
ଶ୍ରୀବତ୍ସେ ନିକ୍ଷେପିଲା ଜଳେ
ମରଣ ସ୍ଥିର ଜାଣି ସୁମରି ଚକ୍ରପାଣି
ଜଣାଇଲେ ପ୍ରାଣ ବିକଳେ, କାନ୍ଦି କାନ୍ଦି
ଚିନ୍ତାର ନାମ ନରପତି,
ସେ କଣ୍ଠସ୍ୱର ଚିନ୍ତା ସତୀ
ଶୁଣି ଉଠେ ବେଦନ କରନ୍ତି ଘନଘନ
ପିଞ୍ଜରାବଦ୍ଧ ସିଂହୀ ମତି ।
ଅସ୍ଥିର ଥିଲେ ନାହିଁ ଗୃହୁଁ ଦେବାର ପାଇଁ
ପ୍ରାଣବଲ୍ଲଭେ ପ୍ରାଣ ଭରି
ମାନ ହେଉଛି ମନ ତରୀରୁ ଉଲ୍ଲମ୍ଫନ
ଦେଇ ପଡ଼ି ସଲିଳୋପରି, କାନ୍ତ ସହ
ଅନନ୍ତ ବାରିପ୍ରବାହରେ
ବିସର୍ଜି ଅନନ୍ତ ଦୁଃଖରେ

ଏକାନ୍ତେ ମିଶିଯାଇ   ଭାସିଯିବାର ପାଇଁ
କାଳର କରାଳ ସ୍ରୋତରେ ।
ହାୟ ରେ କ୍ରୂର ବିଧି !   ଏହା କି ଥିଲା ଲିଖି
ରାଜଦମ୍ପତି ଭାଲପଟ୍ଟେ
ସର୍ବସ୍ୱ ପରିହରି   ବନ-ବିହଙ୍ଗ ପରି
ଭ୍ରମିଲେହେଁ ଦୁଃସହ କଷ୍ଟେ,   ମନ୍ଦ ଧାତା,
କରାଇ ଭିନ୍ନ ପରସ୍ପରେ
ଦହିଲୁ ବିରହ ଅନଳେ
ତଥାପି ତୋର ସାଧ   ପୂରିଲା ନାହିଁ ବାଦ
ସାଧିଲୁ ଏ ଅଗାଧ ଜଳେ ।
କରମ ଅନୁସାରେ   ଦେଲେହେଁ ଏ ସଂସାରେ
ପ୍ରାଣୀଙ୍କି ଦୁଃଖ ସୁଖ ହରି,
ଚରିତ୍ର ସଂଗଠନେ   ରଖନ୍ତି ଅନୁକ୍ଷଣେ
ମଙ୍ଗଳମୟ କରେ ଧରି;   ଅଲକ୍ଷିତେ
"ମୃଦ* ଭାଣ୍ଡେ କରି ପ୍ରହାର
ଗଠନ କରୁଁ ଯେ ପ୍ରକାର
ଭାଣ୍ଡ ରକ୍ଷଣ ଅର୍ଥେ   ଧରିଥାଏ ଜାଗ୍ରତେ
ଅଭ୍ୟନ୍ତରରୁ କୁମ୍ଭକାର ।
ଭୋଗିଲେହେଁ ସମ୍ପ୍ରତି   ଶ୍ରୀବତ୍ସ ନରପତି
ପୂର୍ବ ଅର୍ଜିତ କର୍ମଫଳେ
ଶତ ଶତ ଯନ୍ତ୍ରଣା   ଶତ ଶତ ଲାଞ୍ଛନା

---

* ମାଟି

ଦୁଃଖ ଦୁର୍ଭାଗ୍ୟ ଭୂମଣ୍ଡଳେ, ଗ୍ରହବଳେ
ମାତ୍ର ଭକତବନ୍ଧୁଙ୍କର
ପରମଭକ୍ତ ନରବର
ଭକତ-ଅରତରେ ଟଳି ପଡ଼ିଲା ଖରେ
କରୁଣାସନ ତାହାଙ୍କର ।
ଯେ କାଳେ ତଟିନୀରେ ପଡ଼ି ଅବତିନୀରେ
ହେଲେ ଶ୍ରୀବତ୍ସ ମଗ୍ନପ୍ରାୟ
ଶ୍ରୀଭଗବାନଙ୍କର କୃପା ଆସି ସତ୍ୱର
ଧରିଲା ତାଙ୍କୁ ପୁଷ୍ପ ପ୍ରାୟ, ଅକସ୍ମାତ
ଲଭି ବିଭୁର କୃପାରାଶି
ଗଲେ ଶ୍ରୀବତ୍ସ ଭାସି ଭାସି
ମୀନ ନକ୍ର ମକରେ ସଙ୍କୁଳ କଲ୍ଲୋଳରେ
ଭାସେ ଯେସନ ତୁଳାରାଶି ।
ଭାସିଗଲେ ସେ ବନେ ଭୀଷଣ ବନ୍ୟାଜଳେ
ସୌତିପୁରମୁଖେ ଅଜ୍ଞାନେ,
ଲାଗିଲେ ଅବଶେଷେ ଶ୍ରୀବତ୍ସ ସେହି ଦେଶେ
*ରମ୍ଭାବତୀର ପୁଷ୍ପୋଦ୍ୟାନେ, ମୃତପ୍ରାୟ
ଖସି ଅସନ୍ତେ ବନ୍ୟାନୀର,
ହେଲା ଚେତନା ନୃପତିର;
ଉଠି ଚକିତମନେ କୁସୁମ ଉପବନେ
ବସିଲେ ହୋଇ ସେ ସୁସ୍ଥିର ।

---

* ସୌତିପୁର ରାଜପୁଷ୍ପୋଦ୍ୟାନର ମାଲୁଣୀ

କର ପୁଷ୍ପ ଚୟନ   ଉଦ୍ୟାନେ ଆଗମନ
କଲୁଁ ସେ ମାଳିକ-ବନିତା
ବିଲୋକି ନରେଶ୍ୱରେ   ରହିଲା ସ୍ତମ୍ଭିତଭାବେ
ହୋଇ ଅତି ଆଶ୍ଚର୍ଯ୍ୟାନ୍ୱିତା,   ମାଳୀବାଳୀ
ଅପୂର୍ବ ଲାବଣ୍ୟ ବିଗ୍ରହ
ଦିବ୍ୟ-ପ୍ରଭାରେ ଦୀପ୍ତିମୟ
ଦେଖି ବିନୟେ ଧୀରେ   ପୁଚ୍ଛିଲା ନୃପତିରେ
ବିସ୍ମୟାପ୍ଲୁତେ ପରିଚୟ
କହିଲେ ନରନାଥ   ସ୍ୱୀୟ ଆତ୍ମ-ବୃତ୍ତାନ୍ତ
ମାଳିନୀ ଆଗେ ସବିଷାଦେ;
ଶ୍ରବଣେ ଅଚମ୍ଭିତା   ହୋଇ ମାଳୀ-ବନିତା
ବୋଇଲା ଆଶ୍ୱାସି ଅହ୍ଲାଦେ,   ନରନାଥେ
"ବତ୍ସ ! ନାହିଁ ଏଥର ଭୟ
ଖଣ୍ଡିଲା ତବ ଦୁଃସମୟ,
ତେଣୁ ଅଗାଧଜଳେ   ପଡ଼ି ବଞ୍ଚିଲ ବଳେ
ଦୁର୍ଜ୍ଜୟ ମୃତ୍ୟୁ କରି ଜୟ ।
ମୋର ଆଳୟେ ବତ୍ସ !   ସ୍ୱଚ୍ଛନ୍ଦେ ଦିନ ବଞ୍ଚ
କାହିଁ ଭ୍ରମିବ ଅକାରଣ
ଫେରିଲେ ସୁସମୟ   ସର୍ବ ନଷ୍ଟ ବିଷୟ
ପୁନଶ୍ଚ ଦେବେ ନାରାୟଣ—   ଏହାଠାରେ
ବସିଥିଲେ ସେ ବଳେ ପ୍ରାପ୍ୟ —
ହୋଇ ପାରେ ସକଳ ବାପ ।

ଏ ଅଭାଗିନୀ ମନ		ଦେଖି ତୁମ୍ଭ ବଦନ
ଭୁଲିବ ପତି ପୁତ୍ର ତାପ ।”
ମାଳୀ-ବାଳୀ ବଚନେ		ସ୍ତ୍ରୀବସ୍ତ୍ର ହୃଷ୍ଟମନେ
ଚଲେ ତା ପୁରେ ଅବସ୍ଥାନ,
ଯୋଗାଇ ଦିଏ ନିତ୍ୟ		ମାଳିନୀ ହରଷିତେ
ଆହାର୍ଯ୍ୟ ସାମଗ୍ରୀମାନ,	ସେ ବିଷାଦେ
ସ୍ୱହସ୍ତେ କରି ସେ ରନ୍ଧନ
ପରାଣ ରକ୍ଷଣେ ଅଶନ
କରି ମାସ କାଟୁଥିଲେ		ଚନ୍ଦ୍ରାକୁ ଚିନ୍ତି ଚିତ୍ତେ
ସଶୋକେ ଯାପନ୍ତି ଜୀବନ ।

ଅଷ୍ଟମ ସର୍ଗ

ରାଗ—ବଙ୍ଗଳାଶ୍ରୀ

ଧର୍ମ-ପରାୟଣ ରାଜା ବାସୁଦେବ
ସୌରିପୁର-ଅଧିପତି
ଏକମାତ୍ର କନ୍ୟା ରୂପେ ଗୁଣେ ଧନ୍ୟା
ନାମ ଅଟେ ଭଦ୍ରାବତୀ ।
କ୍ରୀଡ଼ା-ରାଜହଂସୀ ରାଜୀବ-ନେତ୍ରୀଙ୍କ
ରାଜପୁର-ପଦ୍ମାକରେ
ଜୀବର ଜୀବନ ପରି ରହିଥାନ୍ତି
ତାତ ଜନନୀ ଅଙ୍କରେ ।
ଅବାଲ୍ୟୁ ସୁନ୍ଦରୀ ପୂଜେ ହରଗୌରୀ
ବିମଳ ଭକତି ମନେ,
ଗୌରୀ ଆରାଧନା ବିନ୍ଦୁ ବରାନନା
ବିଶ୍ୱସାର ତୁଚ୍ଛ ମଣେ ।
କ୍ରମେ ପଦାର୍ପଣ କଲା ଯଉବନ-
ବସନ୍ତ ଶୋଭାଙ୍ଗୀ ଅଙ୍ଗେ
ଖେଳିଲା ଲାବଣ୍ୟ— ମଳୟ ଅନିଳ
ସୁଷମା-ସୁମନ ସଙ୍ଗେ ।
ପ୍ରୀତିପରାୟଣା ସାରଲ୍ୟ କରୁଣା
ଭକ୍ତି ନିଷ୍ଠା ପରିମଳ

କଲ୍ପ ଶୋଭାବତୀ— ଶୋଭା-କୁଞ୍ଜପନ୍ତ
ବସୁଃ ଏବେ ସୁରମଲ ।
ଯେବେ ସ୍ନାନ ସାରି କ୍ଷୀରୋଦ ଶାଢ଼ୀଟି
ପିନ୍ଧି ଉଦ୍ୟାନେ ସେ ଚଳେ,
ଦେବ ଅରଚନେ କୁସୁମ ଚୟନେ
ଅଲ୍ପଳାପ୍ରିତ କୁନ୍ତଳେ
ଧଣ୍ଟ ଶିଶିର— ସ୍ନାତା ସରୋଜଣୀ
ଭଠିଲା ପରି ପଲ୍ଲବ
ପ୍ରଭାତର ମୃଦୁ ଶୀକର ସମୀରେ
ଅରୁଣାଲିଙ୍ଗନ ଲଭି ।
ମନେ ହୁଏ ଦେଖି ସତେ କି ଉପେକ୍ଷି
ନାରାୟଣ ବକ୍ଷସ୍ଥଳ
କ୍ଷୀରୋଦସମ୍ଭବା ବିଜେ କରିଛନ୍ତି
ମଣ୍ଡିବାକୁ ଧରାତଳ ?
ଶ୍ରୀବତ୍ସ ରାଜାର ଯଶଃ-ସୁଧାକର
ଜ୍ୟୋତ୍ସ୍ନାମୃତ କରି ପାନ
ଜୀବଞ୍ଜୀବନେତ୍ରୀ ଜୀବଞ୍ଜୀବ ମତ
କରୁଥାଏ ସଦା ଧ୍ୟାନ ।
ନାନା ଉପଚାରେ ହରଗଉରୀରେ
ପୂଜଇ ମଞ୍ଜୁଭାଷିଣୀ
ରାଜା ଶ୍ରୀବତ୍ସଙ୍କ ପତିତ୍ୱେ ମାନସେ
ମନାସି ବରବର୍ଣ୍ଣିନୀ ।

ମୂର୍ତ୍ତିମତୀ ଭକ୍ତି— ତାରୁ ପୂଜା-ସ୍ତୁତି
ଲଭି ଦେବୀ ଭଗବତୀ
ସରୂପେ ବାଞ୍ଛିତ— ବର ଦେଲେ ପ୍ରୀତ
ହୋଇ ଭଦ୍ରାବତୀ ପ୍ରତି ।
ଦେବୀ ପ୍ରସନ୍ନତା— ବର ସଗଲତା
ଲଭନ୍ତେ ହରଷୋତ୍ଫୁଲ୍ଲେ
ଅପୂର୍ବ ପ୍ରତିଭା ଫୁଟି ଉଠିଲା ତା
ଶ୍ରୀମୁଖ-କମଳ-ଫୁଲ୍ଲେ ।
ଦନ୍ତୁ ଦନ୍ତୁ କାନ୍ତି, ବିକଶିଲା ଶୁକ୍ଳ—
ପକ୍ଷ ଶଶିକଳା ପରି
ରାଜା ରାଣୀଙ୍କର ନୟନେ ସେ ଶୋଭା
ଦେଲା ଦିବ୍ୟ-ପ୍ରଭା ଭରି ।
ସୌଭପୁରେଶ୍ୱର ଦେଖି ତନୟାର
ପରିଣୟଯୋଗ୍ୟ ବୟଃ
ସ୍ୱୟମ୍ବର ଲାଗି କଲେ ଆୟୋଜନ
ହୋଇ ପ୍ରୀତ ଅତିଶୟ ।
ରାଜନ୍ୟବର୍ଗେ କଲେ ନିମନ୍ତ୍ରଣ
ପତ୍ର ସହ ଭେଟି ଗୁଡ଼
ନିମନ୍ତ୍ରିତ ଜନ ବାସ ଲାଗି ହେଲା
ନିର୍ମିତ ବସ୍ତ୍ର-ଆଗାର ।
ହେଲା ବିନିର୍ମିତ ହେବାକୁ ଶମିତ
କ୍ଷୁଧାବନ୍ଧିତ ଅତଗ

ନଗରୋପକଣ୍ଠୁ   ସିଂହଦ୍ୱାର ଯାଏ
        ସୁନ୍ଦର   ଛାୟାମଣ୍ଡପ   ।
ରାଜପଥ ବେନି—   ପାର୍ଶ୍ୱେ ସଂସ୍ଥାପିତ
        ହେଲା   ପୂର୍ଣ୍ଣକୁମ୍ଭମାନ
ସପଲ୍ଲବ ପୁଷ୍ପ—   ସ୍ତବକ ହୋଇଲା
        ପ୍ରତିଦ୍ୱାରେ ଲମ୍ବମାନ ।
ବିବିଧ ବରଣ   ଚନ୍ଦ୍ରାତପାବଳୀ
        ବିଚିତ୍ର ଶୋଭେ ଶୋଭିତ
ଚୂତଡାଳ ସହ   ଛାୟାମଣ୍ଡପର
        ମଧ୍ୟେ ହେଲା ବିଲମ୍ବିତ ।
ହୋଇ ଆରୋପିତ   ରମ୍ଭାତରୁ ପଥେ
        ପଡ଼ିଲା   ଚନ୍ଦନଛଟା
ମଙ୍ଗଳ ବାଦ୍ୟରେ   ପୁର ଉଚ୍ଛୁଳିଲା
        ସିନ୍ଧୁ-ଗରଜନ   ପରା ।
ମାତିଲେ ବିବିଧ   ଆନନ୍ଦ ଉତ୍ସବେ
        ନାଗରିକ   ନାଗରିକା
ମଙ୍ଗଳ ସଙ୍ଗୀତ   ଗାଇ କଲେ ନୃତ୍ୟ
        ସିଂହଦୁଆରେ ଗଣିକା ।
ଭକ୍ଷ୍ୟ ଭୋଜ୍ୟ ଚର୍ବ୍ୟ   ଚୋଷ୍ୟ ଲେହ୍ୟ ପେୟ
        ଯହିଁ   ତହିଁ   ଅଛି   ପଡ଼ି
ଖାଇବାକୁ ପେଟ   କାହିଁ ବା କାହାର,
        କାହିଁ କେତେ ଯାଏ ସଡ଼ି ।

ଯଥାକାଳେ ସୌଢ— ପୁରେ ଅସିଗଲେ
ସର୍ବ ନିମନ୍ତ୍ରିତ ରାଜା
ସଙ୍ଗତରେ ଘେନି ଚତୁରଙ୍ଗ ବଳ
ବଜାଇ ବିବିଧ ବାଜା ।
ନିରୂପିତ ଦିନେ ସ୍ୱୟମ୍ବର ସଭା
ମଣ୍ଡିଲେ ନୃପତିଗଣ
ସତୃଷ୍ଣନୟନେ କନ୍ୟା-ଅଗମନ—
ମାର୍ଗେ ଗୃହିଁ ଘନ ଘନ ।
ନିମନ୍ତ୍ରିତ ଜନେ ବସିଗଲେ ସଭା—
ମଣ୍ଡଳେ ପାଇ ଅସନ
ଦେଖଣାହାରିଏ ଦେଖନ୍ତି ପ୍ରାଚୀର
ପରିଏ କରି ବେଷ୍ଟନ ।
କେବା ଛାତଭୂପେ କେବା ତରୁଡାଳେ
ଝେହ୍ନୁ ଅବା ତରୁତଳେ
ସଶ୍ରଦ୍ଧ ନୟନେ ସ୍ୱୟମ୍ବରସଭା
ଦେଖୁଥାନ୍ତି କୁତୁହଳେ ।
ରାଜା ବାହୁଦେବ ଙ୍ଃ ସ୍ୱବାଧିବାସ
ଅଗ୍ନିପୂଜା ସମାପନ
କରି ଯଥାକାଳେ ଶୁଭ ମୁହୂର୍ତ୍ତରେ
ସଭାକୁ କଲେ ଗମନ ।
ଅଗଣିତ ଜନେ ପରିପୂର୍ଣ୍ଣ ସେହି
ସ୍ୱୟମ୍ବରସଭାସ୍ଥଳ

ନିସ୍ତବ୍ଧ ନୀରବ ଗମ୍ଭୀରତାପୂର୍ଣ୍ଣ
ହୋଇ ରହିଛି କେବଳ ।
ଭଦ୍ରାବତୀ ଅତ । ମନ ପ୍ରତୀକ୍ଷାରେ
ରହିଅଛନ୍ତି ସର୍ବେ
ଉଷା ଆଗମନ— ପଥ ଅନୁସରି
ଥାଅନ୍ତି ଯଥା ଅଳିଏ ।
ଅକସ୍ମାତେ ସେହି ନୀରବତା ଭାଙ୍ଗି
ବାଜିଉଠିଲା ସଘନ
ମାଙ୍ଗଳିକ ଶଙ୍ଖ ମଧୁର ସହିତେ
ହୁଳହୁଳି ଅଗଣନ ।
ସହସା ସଜନୀ— ଗଣେ ପରିବୃତା
ହୋଇ ବାହୁବଳ-ସୁତା ।
ବରମାଲ୍ୟ ଧରି କର-କମଳରେ
ସଖୀ କଲା ଅଳଙ୍କୃତା ।
ସ୍ୱର୍ଣ୍ଣ ରତ୍ନମୟୀ ବିଦ୍ୟୁଦ୍‌ବରଣୀର
ଭୁବନମୋହନ ରୂପ
ବିଲୋକି ବିମୁଗ୍‌ଧେ ଚିତ୍ରାର୍ପିତ ପରି
ରହିଗଲେ ସର୍ବଭୂପ ।
ମଜ୍ଜିଲା ମାନସ ଦେବଦୁର୍ଲ୍ଲଭଙ୍ଗୀ
ସଉନ୍ଦର୍ଯ୍ୟ-ସରେ ଯାଇ
ଲୁବ୍‌ଧ ନେତ୍ର-ଭୃଙ୍ଗ ସେ ଶୋଭା କମଳ-
କାନନୁ ଫେରିଲା ନାହିଁ ।

ଯହିଁ ଯା ନୟନ   ହୋଇଲା ପତନ
    ସେହିଠାରେ ଗଲା ଲାଗି,
ବରଣମାଳାକୁ   ଗଲେ ପିନ୍ଧିବାକୁ
    ପରାଣି ରହିଲା ଠାକି ।
ବିସ୍ଫାରିତ ପିପା—   ସିତ ଅପଲକ
    ନୟନେ ଅବା ସମସ୍ତେ
ସେହି ନବନୀତ-   ତୁଳା ପିତୁଳା କି
    ଟଳି ପଡ଼ାଇବେ ସତେ !
ଭେଳକି ଲାଗିଲା   ପର ରାଜଗଣ
    ହେଲେ ହେଁ ବେଳ ଛନ୍ନ
ସମସ୍ତଙ୍କ ଦଶେ   ଅବା ତାଙ୍କ ପାଶେ
    କନ୍ୟା କରଇ ଗମନ !
ସ୍ମିତକ ଫୁଲର   ସମ୍ମ ମଧ୍ୟେ କେତେ
    ସୁଭଗମ୍ମନ୍ୟ ନୃପତି
ଭାଳନ୍ତି ସ୍ୱଗତେ   'ବରମାଲ୍ୟ ମୋତେ
    ଦେବ ନିଶ୍ଚେଁ ଭଦ୍ରାବତୀ ।'
କି କହିବ ତାଙ୍କ   ବେଶ ପରିପାଟୀ
    କି କହିବ ତାଙ୍କ ଠାଣି ?
କି କହିବ ତାଙ୍କ   କଥାର ମାଧୁର୍ଯ୍ୟ
    ଭଙ୍ଗୀ ଗାମ୍ଭୀର୍ଯ୍ୟ ଗୃହାଣି ?
କିପାଁ ଅକାରଣେ   କର ରାଜଗଣେ !
    ଚିତ୍ତେ ଏତେ ଉତ୍ତଳିବା ?

ନୁହେଁ ଆଶା-ଜନ   ତବ ପକ୍ଷେ କନ୍ୟା
ଦୁରାଶା-ମୃଗତୃଷ୍ଣିକା ।
ଶ୍ରୀବତ୍ସ ରାଜାର   ପ୍ରୀତିଭକ୍ତି-ଋଣ
ପରିଶୋଧ ଇଚ୍ଛା କରି
ନାରାୟଣୀ ଅଂଶେ   ହୋଇଅଛୁ ଜାତ
ମର୍ତ୍ତ୍ୟେ ଅମର୍ତ୍ତ୍ୟସୁନ୍ଦରୀ ।
ମାତ୍ର ବରମାଲ୍ୟ   କରେ ଧରି ଭଦ୍ରା
ସଭା ମଧ୍ୟେ ଭଦ୍ରାବତୀ
ନୀରବେ ନିସ୍ପନ୍ଦେ   ଅଧୋବଦନରେ
ଆଲେଖ୍ୟ-ପିତୁଳା ମତି ।
ଶ୍ରୀବତ୍ସ ନୃପତି   ନାମ ଶୁଣି ମାତ୍ର
ମନେ ମନେ ଅଛୁ ବରି
ଆଜ ସ୍ୱୟମ୍ବର—   ସଭାରେ ଶ୍ରୀବତ୍ସେ
ଚିହ୍ନିବ ବାଳୀ କିପରି ?
କେ ଚିହ୍ନାଇଦେବ   ରାଜନ୍ୟମଣ୍ଡଳୀ—
କରକାରେ ସେ ହୀରକେ ?
କିପରି ବରଣ—   ମାଲ୍ୟ ଲମ୍ବାଇବ
ସେ ରାଜକିଶୋର ବକ୍ଷେ ?
କାତରହୃଦୟେ   କାରୁଣ୍ୟପ୍ରତିମା
ସଜଳନେତ୍ରେ ଅରତେ
ବରଦାତ୍ରୀ ଦେବୀ   ଜଗଜ୍ଜନନୀଙ୍କି
ଡାକଇ ଅନ୍ତରଗତେ,—

"ମାତଃ ଜଗଦମ୍ବେ ! ମୋର ନେଣେ ଏବେ
ଚତୁର୍ଦ୍ଦିଗ ଅନ୍ଧକାର
କୃପାମୟି ! କୃପା— ଦଉ ବର ଦେଇ
ଲଜ୍ଜା ରଖ ତନୟାର ।"
ଅଲକ୍ଷିତେ ଭକ୍ତ ହେଲେ ଜଗନ୍ନାଥ
କୁମାରୀ ଆରତ ଜାଣି,
ସହସା ଅନ୍ୟର ଅଗୋଚରେ ହେଲା
ଅଶରୀରୀ ଶୂନ୍ୟବାଣୀ,—
"ନୀପତରୁତଳେ ବସିଛନ୍ତି ବତ୍ସେ !
ତୋର ପରାଣଈଶ୍ୱର
ଯାର ଲାଗି ହର— ଗୌରୀ ଆରାଧନା
କଲୁ ଦ୍ୱାଦଶ ବତ୍ସର ।"
ଚମକିତେ ଗୃହୁଁ ଦେଉଁ ଚନ୍ଦ୍ରାନନୀ
ନୀପତରୁବରତଳେ
ପ୍ରଭାମୟ ଦିବ୍ୟ ରୂପେ ନେଇ ତାର
ଝଲସିଉଠିଲା ବଳେ ।
ଯେରୂପେ ବନଜ— ଅନନୀ-ଆନନେ
ଲାଜ-ପାଟଳ ଉକୁଟି
ଛଇଲ ଶରତ— ବାଳାତପ ବୋଳା
ସରୋଜ-ସୁଷମା ଲୁଟି ।
ଖେଳିଗଲା ବଳେ ବିଦ୍ୟୁତ ଚଞ୍ଚଳେ
ଚରଣୁ ଶିଳୁର ଯାଏ

ସରଗ-ସୁଲଭ   କି ଅପୂର୍ବ ଭାବ
ସୁରତରଙ୍ଗିଣୀ ପ୍ରାୟେ ।
ମାଳିନୀ ବଦନୁ   ଶୁଣି ରାଜକନ୍ୟା—
ସ୍ୱୟମ୍ବରର ସନ୍ଦେଶ
କୌତୂହଳବଶେ   ଅସିଥିଲେ ଦେଖି
ତହିଁ ଶ୍ରୀବତ୍ସ ନରେଶ ।
ଦୀନ ହୀନ ବେଶେ   ବସିଛନ୍ତି ସିଏ
ନୀପତରୁବର ତଳେ
ଦେହୁଁ ସ୍ୱର୍ଣ୍ଣପ୍ରଭା   ସ୍ଫୁରି ହରତାଳ
ପରି ଗୌରବେ ଉଜ୍ଜ୍ୱଳେ ।
ଗୁଚ୍ଛ ଗୁଚ୍ଛ ହୋଇ   ଗ୍ରୀବା ମୁଖ ଚୁମ୍ବି
ପଡ଼ିଛି କୁଞ୍ଚିତ କେଶ
ଦିଶେ ଯଥା ଭଲା—   କାଦମ୍ବିନୀମାଳା
ବଳୟିତ ନଗଦେଶ ।
ଲଳିତ ମଧୁର   ଫିହସହନନେ
ଗାମ୍ଭୀର୍ଯ୍ୟପୂରିତ ଟାଣି
ଉଜ୍ଜ୍ୱଳ ନିର୍ମଳ   ପ୍ରଶାନ୍ତ ନୟନେ
ପବିତ୍ର ଜ୍ୟୋତି ଗ୍ରହାଣି,
ବିଲୋକି ବିମୁଗ୍‌ଧା   ନୃପତି-ନନ୍ଦିନୀ
ଲଜ୍ଜାବ୍ୟାଜେ ମନ୍ଦେ ମନ୍ଦେ
ସଭାରୁ ବାହାରି   ମାଲ୍ୟ ଚନ୍ଦନାଦି
ଦେଇ ନରପତି-ପଦେ

ପ୍ରଣମି ସଲଜ୍ଜେ ବିନମ୍ରେ ରହିଲ
କରି କୋରକିତ କର
ବିରଲେ କି ଅବା ବସନ୍ତ-ରାଜଙ୍କ
ପ୍ରକୃତି-ରାଣୀ ସୁନ୍ଦରୀ ।
କି ଅବା ବିରଲେ ତାରା-ହାରାହାରେ
ଶାରଦୀୟ ପୌର୍ଣ୍ଣମାସୀ
ଶରତ ଶଶାଙ୍କେ ଚନ୍ଦ୍ରିକା ସଜନୀ
ଗହଣ ଗହଳେ ଆସି ।
ମହା ମହାରାଜ ଚକ୍ରବର୍ତ୍ତି ଗଣେ
ଉପେକ୍ଷା କରି କୁମାରୀ
ବରନ୍ତେ ପଡିତ୍ରେ ସଭାର ବାହାରେ
ମଳିନବେଶୀ ଉଦାସୀ
ସ୍ୱୟମ୍ବରସଭା ସାଗର ଉଚ୍ଛୁଳି
ପଡ଼ିଲା ହାସ୍ୟ-ତରଙ୍ଗେ
କେତେ ଧୃଷ୍ଟାପୂର୍ଣ୍ଣ ଉପହାସ ତହିଁ
ଖେଳିଗଲା କେତେ ରଙ୍ଗେ ।
ବିବିଧ ବିଦ୍ରୂପ କଥୋପକଥନ
ହୋଇଗଲା ଗୁହ୍ନୁଁ ଗୁହ୍ନୁଁ
ରାଜା ବାସୁଦେବ ବଦନ-ଚନ୍ଦ୍ରକୁ
ଗ୍ରାସିଲା ବିଷାଦ-ରାହୁ ।
ଯୁ ଅବେଗେ ଅସନ୍ତୁ ଉତ୍ଥିତ
ହୋଇଁ କେତେ କେତେ ରାଏ

ବଙ୍କ ନୟନେ ସେ ନବ ଦମ୍ପତିଙ୍କୁ
ଶୁଦ୍ଧାନ୍ତ ଖଞ୍ଜାଣ ପ୍ରାନ୍ତେ ।
ମାନ ସଭାଜନ ତହୁଁ ଶତଗୁଣ
ଶ୍ରୀବତ୍ସ ଅଶ୍ଚର୍ଯ୍ୟାନ୍ୱିତ
କରିବାକୁ ଭଦ୍ରା — ବଣିକ ଗ୍ରହଣ
ନାରଡଶୟୂ କୁଣ୍ଠିତ ।
ସର୍ବ ମନଃ ପ୍ରାଣ କରିଛୁ ତାଙ୍କର
ଚନ୍ଦ୍ରାରାଣୀ ଅଧିକାର
ଚନ୍ଦ୍ରାରାଣୀ ଚନ୍ଦ୍ରା ନୃତ୍ୟ କରୁଅଛି
ସ୍ମୃତିପଟେ ଚମତ୍କାର ।
ଚନ୍ଦ୍ରାଗତ ପ୍ରାଣ ଚନ୍ଦ୍ରାଗତ ମନ
କର୍ତ୍ତବ୍ୟବିମୂଢ଼ ଭୂପ
ବସିଛନ୍ତି ସ୍ତବ୍ଧେ ଗମ୍ଭୀର ବଦନେ
ନୀରବେ ସ୍ଥାଣୁସ୍ୱରୂପ ।
ଏକାଳେ ଶ୍ରୀବତ୍ସେ ହେଲା ଦୈବବାଣୀ
"ବତ୍ସ ! ନ ହୋଇ ବିଷଣ୍ଣ
ମୋର ଆଜ୍ଞାମତେ କନ୍ୟାରତନକୁ
ସାଦରେ କର ଗ୍ରହଣ ।
ଆସିଲାଣି ତବ ସୁଦିନ ଅଙ୍ଗଣେ
ଏଥି ଭଦ୍ରାକଣ୍ଠ ବଳେ
ତବ ପ୍ରାଣାଧିକା ଚନ୍ଦ୍ରା ମହିଷୀର
ଉଦ୍ଧାର ହୋଇବ ବଳେ ।

ଯେତେବେଳେ ସ୍ୱୟଂ, ହେଲ ଗୃହତ୍ୟାଗୀ
ଜାଣିଥେ ଚନ୍ଦ୍ରା ସହିତେ
କାୟା ଛାୟା ପରି ସଙ୍ଗେ ଥିବ ବୋଲି
ବର ଦେଇଥିଲି ପ୍ରୀତେ ।
ସେହି ବାକ୍ୟ ମୋର ସଫଳ କରଣେ
ସ୍ୱଅଂଶେ ଭଦ୍ରାବତୀଙ୍କ
ସତତ ତୁମ୍ଭର ପାଶେ ରହିବାକୁ
ପେଶିଅଛୁ ଧରଣୀକୁ ।”
ଏହା କମଳାର ଦୈବୀ ବାଣୀ ବୋଲି
ନିଃସନ୍ଦେହେ ରାଏ ଜାଣି
ସାଦରେ ଗ୍ରହଣ କଲେ ପତ୍ନୀରୂପେ
ବାସୁରାଜ- କ୍ଷେମାପାଣି ।
ଭଗବତୀ କରୁ— ଣାରୁ ଭଦ୍ରାବତୀ
ଲଭିଲ ବାଞ୍ଛିତ ପତି
ମାତ୍ର ନ ଜାଣିଲେ ସେ କଥାର ଗୂଢ଼—
ମରମ ଇତର ବ୍ୟକ୍ତି ।
ନିମନ୍ତ୍ରିତ ରାଜା— ମାନେ ଲଭି ଏଥି
ଘୋରତର ଅପମାନ
ମନେ ମନେ ଜଳି କୋପେ ରକ୍ତମୁଖେ
ସଭାରୁ କଲେ ପ୍ରସ୍ଥାନ ।
ରାଜା ବାସୁଦେବ କ୍ରୋଧ-ଲଜ୍ଜା-ଘୃଣା-
ଜଡ଼ିତ ବିଷଣ୍ଣମୁଖେ

ଅନ୍ତଃପୁରେ ଯାଇ   ଗଭୀର ଅକ୍ଷେପେ
କହିଲେ ରାଣୀ ସମ୍ମୁଖେ,
"ଏହା କି ଦଇବ   ଲେଖିଥିଲୁ ପ୍ରିୟେ ।
ଭଦ୍ରାବତୀ ଭାଲଦେଶେ
ଏ କଳୁଷିତ ରାଜ—   ବଂଶେ ଦେବା ପାଇଁ
କଳଙ୍କ-କାଳିମା ଶେଷେ ।
ନିମନ୍ତ୍ରିତ ରାଜା—   ମାନଙ୍କୁ ଉପେକ୍ଷି
ଅନ୍ତ୍ୟଜେ କଲୁ ବରଣ
ଏ ଦୁଃସହ ଅପ—   ମାନ୍ତ୍ରୁ ଶ୍ରେୟସ୍କର
ସହସ୍ର ଗୁଣେ ମରଣ ।"
ପ୍ରବୋଧି ମହର୍ଷି   ବୋଇଲେ ମଧୁର
"ଶାନ୍ତ ହୁଅ ମହାରାଜ !
ବିଧିର ନିବନ୍ଧ   ନ ହେବ ଅନ୍ୟଥା
ଚିନ୍ତା କରି କିସ କାର୍ଯ୍ୟ ?
ଘଟିବ ଅବଶ୍ୟ   ଯା କରିବେ ଇଚ୍ଛା
ଇଚ୍ଛାମୟ ବିଶ୍ୱପିତା
ତୁମ୍ଭେ ଅମ୍ଭେ ଯାହା   ପାଞ୍ଚୁବା ମାନସେ
ସେ ସବୁ କେବଳ ମିଥ୍ୟା ।
ଜନମ ମରଣ   ବିବାହ ପ୍ରାଣେଶ
ନ, ହୁଏ କାହା ଅଯୁତେ
ସେହି ହରି ଏହି   ବୁଝି ଦେଇଛନ୍ତି
ଭଦ୍ରାବତୀ ହୃଦଗତେ ।

ତୁମ୍ଭେ ସିନା ନାଥ ! ଜନ୍ମ ଦେଇଥିଲ
କରମ ତ ଅନିବାର୍ଯ୍ୟ—
ଆଶୀର୍ବାଦ କର କର୍ମଲବ୍ଧ ବର
ହେଉ ତାଙ୍କୁ ଶୁଭେ ଧାର୍ଯ୍ୟ ।
ମାତ୍ର ରାଜକ୍ରୋଧ ଶାନ୍ତ ନ ଲଭିଲା
ମହିଷୀ ପ୍ରବୋଧ ଗିରେ
କ୍ରୋଧଭରରେ ରାଏ କଠୋର ଆଦେଶେ
ବୋଇଲେ ତାଙ୍କ ମନ୍ତ୍ରୀରେ—
"ଅନ୍ତଃପୁରେ ଭଦ୍ରା— ବସି ରହିବାର
ନାହିଁ ଆଉ ପ୍ରୟୋଜନ
ସଭାର ମଧ୍ୟରେ କରିଛି ଅଶ୍ରାବ୍ୟ
ମସ୍ତକ ମୋର ମୁଣ୍ଡନ;
ପୁରୀର ବାହାରେ ଦିଅ ତାଙ୍କୁ ବାସ
ପତି ସହ ରହୁଥାଉ
ଅନ୍ୟଥେ କରିଛି ସେ କୁଳପାଂଶୁଳା
ମୁଖ ନ ଚାହିଁବି ଆଉ ।"
ରାଜାଦେଶ ମତେ ବାହାର ପ୍ରାଙ୍ଗଣେ
ହେଲା କେମାପାଇଁ ବାସ
ପରମ ପ୍ରଫୁଲ୍ଲେ ପତି ସହ ତହିଁ
କଲା ଭଦ୍ରାବତୀ ବାସ ।
ଗଲେ ମହାଦେଇ ଭଦ୍ରାବତୀ ପାଶେ
ବହିଃପ୍ରାଙ୍ଗଣ ଭବନେ;

ଦେଖିଲେ ବସିଛି   ଭଦ୍ରାବତୀ ସତୀ—
ପାଶେ ମ୍ଳାନମ୍ର ବଦନେ ।
କନ୍ୟାର ମୁଖଶ୍ରୀ   ବିଲୋକି ମହର୍ଷି
ମଣିଲେ ଆଶ୍ଚର୍ଯ୍ୟ ଅତି
ଜାଣିଲେ କେମାର   ନାହିଁ ତିଳେ କ୍ଷୋଭ
ଲଭିଲେହେଁ ହୀନପତି ।
ପିତୃଦତ୍ତ ଅପ—   ମାନ ଲୋକନିନ୍ଦା
ତା ମନ ପରଶି ନାହିଁ
ସ୍ନେହମୟ ଭାଷେ   ବୋଇଲେ ମହର୍ଷି
କନ୍ୟାକୁ କୋଳେ ବସାଇ,
"ରହିଥାଅ ଏହି   ଗୃହେ ମାଅ ମୋର
ନ କର ମନ ବିମୁଖ
ଅଳ୍ପ ଦିନ ଗତ   ହୋଇଲେ ମାଅ ଲୋ
ପାଇବୁ ବିପୁଳ ସୁଖ ।
ବରିଛୁ ଯାହାଙ୍କୁ   ପତିରୂପେ ସେହି
ନୁହନ୍ତି ପ୍ରାକୃତ ଜନ,
ପ୍ରାକୃତ ପକ୍ଷେ କି   ସମ୍ଭବେ କେବେ ମା !
ଏ ରୂପ ଶୋଭା-ସମ୍ପନ୍ନ ?
ଟେସ୍ରେ ଅସ୍ରଧନା   ଫଳ ହେବେ ଧନ !
ହୋଇବ ନାହିଁ ଅନ୍ୟଥା
କିଛିଦିନ ପରେ   ରାଜରାଣୀ ହେବୁ
କହିଲ ସ୍ୱରୂପ କଥା ।"

ରାଜାର କଠୋର ବ୍ୟବହାରେ ହେବେ
କ୍ଷେମା, ଜାମାତା ବ୍ୟଥିତ
ଏହି ଅଶଙ୍କାରେ ମିଷ୍ଟବାକ୍ୟେ ରାଣୀ
ସାନ୍ତ୍ୱନା ଦଅନ୍ତି ନିତ୍ୟ ।
ମାତ୍ର ଶାନ୍ତି ନାହିଁ ଶ୍ରୀବତ୍ସ ହୃଦୟେ
ଲଭି ଲଲନାରତନ
ବାଳକ-ମୋହେ କି ଚୂତ-ମୁକୁଳକୁ
ଭୁଲଇ ଭ୍ରମର ମନ ?
ପୁଣି ଧନହୀନ— ବେଶେ ହୀନମାନେ
ଶ୍ୱଶୁରସଦନେ ବାସ
ରାଜ୍ୟେଶ୍ୱର ରାଜା ପକ୍ଷେ ନୁହଇ କି
ମରଣୁ ବଳି ଆୟାସ ?
ଅଗାଧ ସରିତ— ସ୍ରୋତେ ନିକ୍ଷେପିଲା
ସୌଦାଗର ତାଙ୍କୁ ଯେବେ
ସେକାଳେ ଚିନ୍ତାର ଯେଉଁ ଆର୍ତ୍ତସ୍ୱର
କର୍ଣ୍ଣେ ଲାଗିଅଛି ଏବେ ।
ଚିନ୍ତା-ଚିନ୍ତା ସହ ବାହୁଦେବଙ୍କର
ଘୃଣାବ୍ୟଞ୍ଜକ ବଚନ
ମରମେ ମରମେ ରାଜା ଶ୍ରୀବତ୍ସଙ୍କୁ
କରୁଥାଏ ଉତ୍ପୀଡ଼ନ ।
ଯେତେହେଁ ସାନ୍ତ୍ୱନା ଦଏ ଭଦ୍ରାବତୀ
କାକୁସ୍ଥ କରୁଣ ଭାଷେ

ମାନ ରକ୍ଷା ସଦା   ଚନ୍ଦ୍ରଭମାନସ
ଚନ୍ଦ୍ରାକୁ ଲଭିବା ଅଶେ ।
ଧନେ ଖେଦଭରେ   କହିଲେ ମଧୁରେ
ଭଦ୍ରାବତୀଙ୍କ   ରାଜନ
"ହେଲେହେଁ ଅନ୍ୟର   ଧନେ ରାଜଭୋଗ
ତଣୁ ତାହା ଅକଞ୍ଚନ ।
ମିଳୁଥିଲେ ମଧ୍ୟ   ସ୍ୱୀୟ ଉପାର୍ଜନେ
ଦିନମାନେ ଶାକଅନ୍ନ
ତାହା ତୃପ୍ତିପ୍ରଦ,   ଯେଣୁ ସେ ଅଟଇ
ସ୍ୱାଧୀନତା-ଲବ୍ଧ ଧନ ।
ହୋଇ ଏହୁପରି   ଇତର ପ୍ରତ୍ୟାଶୀ
ପୁଣି ସଦା କର୍ମଶୂନ୍ୟ
ଯାପିବାରୁ ଦିନ   ଆଳସ୍ୟେ ସତତ
ହୁଅଇ ମାନସ କ୍ଷୁଣ୍ଣ ।
ତୁମ୍ଭ ପିତାଙ୍କର   ଅଧୀନସ୍ଥ ଯୀର—
ସବତ ଘାଟେ ସତତ
ବାଣିଜ୍ୟ ବ୍ୟାପାରେ   କରନ୍ତି ଯାବତ
ସୌଦାଗର ଯାତାୟାତ;
ପିତାଙ୍କୁ ଜଣାଇ   ତାଙ୍କଠାରୁ ମୋତେ
ଶୁଳ୍କ ଆଦାୟର ଭାର
ଦେଇ ପାର ଯେବେ   ହୋଇବ ପ୍ରେୟସି !
ମୋର ବଡ଼ ଉପକାର ।"

ପତିଙ୍କ ବଚନେ   ଭଦ୍ରାବତୀ ପ୍ରାଣେ
'ଲଭି ମର୍ମାନ୍ତିକ ବ୍ୟଥା
ସଜଳ ନୟନେ   ଜନନୀ ଚରଣେ
ନିବେଦିଲା ସେହି କଥା ।
ମହିଷୀ ବଦନୁ   ଶୁଣି ବାସୁଦେବ
ଭଦ୍ରାବତୀର ମିନତି
ଗମ୍ଭୀର ବଦନେ   ଦୀର୍ଘଶ୍ୱାସ ତେଜି
କଲେ କ୍ଷୁଣ୍ଣେ ସନମତି ।
ରହିଲେ ଶ୍ରୀବତ୍ସ   କ୍ଷୀରତରଙ୍ଗିଣୀ
ଘାଟେ ଶୁଳ୍କଗ୍ରାହୀ ବେଶେ
ବହୁ ଅନୁଚର   ରହିଲେ ତାଙ୍କର
ସଙ୍ଗେ ବାସୁଦେବାଦେଶେ
ଥାଇ ମଧ୍ୟ ସ୍ୱଏ   କ୍ଷୀରତରଙ୍ଗିଣୀ
ଘାଟେ ହୋଇ ଶୁଳ୍କଗ୍ରାହୀ
ଚନ୍ଦ୍ରାସଙ୍ଗ ଲଭି   ଅଚନ୍ଦ୍ରା ହେବାକୁ
ଥାଅନ୍ତି ସନ୍ତୁଷ୍ଟେ ଗୃହିଁ ।

ନବମ ସର୍ଗ

ନଷ୍ଟବାଣୀ ବୃତ୍ତ

ଜାତ ଜାତ ଅନ୍ତ— ସବୁ ଚିନ୍ତାପଥ
ହତାଶେ ଶ୍ରୀବତ୍ସ ଭାଳନ୍ତି ସ୍ୱଗତ—
"ସତେ କି ଅନ୍ୟଥା ହେବ ଦୈବୀବାଣୀ ?
ସତେ କି ଫେରିବେ ନାହିଁ ଚିନ୍ତାରାଣୀ ?
ସତେ କି ସ୍ୱପନ ହେବ ଚିନ୍ତାମୁଖ ?
ସତେ କି ଫିଟିବ ନାହିଁ ହୃଦଦୁଃଖ ?"
ଏସନ ନୈରାଶ୍ୟେ ଭାବି ଭାବି ରାଏ
ରହିଗଲେ ସ୍ଥିର ଅଚଳ ପରାଏ ।
ନଇରାଶ୍ୟ-ପ୍ରେତ ଭ୍ରମରୂପେ ଆସି
ନୃପଙ୍କର ବାହ୍ୟ ଜ୍ଞାନ ଦେଲା ଗ୍ରାସି ।
ଅବ୍ୟବସ୍ଥିତ ସେ ଲଭି ଶୋକଭରେ
ପୁଣି ପ୍ରକୃତିସ୍ଥ ହୋଇ କ୍ଷଣ ପରେ;
ବିଚାରନ୍ତି ମନେ, "ଦୈବ ଅନୁକୂଳେ
ଲଭିଲେ ଚିନ୍ତାକୁ କ୍ଷୀରନଦୀକୂଳେ,
କି ଭୁଲିବେ ସତେ ସପତ୍ନୀ ଦର୍ଶନେ !
ମୋ ପ୍ରୀତି ଲାଘବ ମଣିବେ କି ମନେ ?
ପ୍ରୀତ ନୟନରେ ସତେ ସପତ୍ନୀଙ୍କି
ପରାଣପ୍ରେୟସୀ ପାରିବେ କି ଦେଖି ?

ଯୌବଣ ସାରଲ୍ୟ ସ୍ନେହଭାବ ପୂର୍ଣ୍ଣ
ଦେଇଛନ୍ତି ଭଦ୍ରାର ଚରଣେ ମାଧୁର୍ଯ୍ୟ
ସେହି କୋମଳତା ଚନ୍ଦ୍ରାସହ ବାସ—
ପାଇଲେ ରହିବ ବୋଲି କି ବିଶ୍ୱାସ ?"
ବିବିଧ କଳ୍ପନା କଳ୍ପନା ଏପରି
କରି ନରପତି ଯାପି ବିଭାବରୀ
ନିଶା ଶେଷ ଯାମେ ଦେଖିଲେ ସ୍ୱପନ
ଚନ୍ଦ୍ରାଗତପ୍ରାଣ ଶ୍ରୀବତ୍ସ ରାଜନ ।
ଧରି ତାଙ୍କ ପଦ— ଯୁଗ ଚନ୍ଦ୍ରାରାଣୀ
କହନ୍ତି ସଜଳ ନେତ୍ରେ ମଞ୍ଜୁ ବାଣୀ—
"କିପାଁ ପ୍ରାଣନାଥ ! ହେଉଛ କାତର
ପଦତଳେ ଦାସୀ ରହିଛି ତୁମ୍ଭର ।"
ଚମକି ଜାଗ୍ରତ ହେଲେ ନରପତି
ଦେଖିଲେ ପର୍ଯ୍ୟଙ୍କ ଶୂନ୍ୟେ ଭଦ୍ରାବତୀ ।
ତଳ୍ପ ତେଜି ଖଟରେ ସାରି ପ୍ରାତଃକୃତ୍ୟ
ଗମିଲେ ସେ ବୀର— ନଦୀତୀରେ ଦ୍ରୁତ ।
ନୈରାଶ୍ୟ ନିଷ୍ଠୁର ଶ୍ରୀବତ୍ସ ହୃଦୟ
ଚନ୍ଦ୍ରା-ପ୍ରାପ୍ତ୍ୟାଶାରେ ଅଜ ଦୀପ୍ତିମୟ ।
ସେ କଳ୍ପିତ ସୁଖ ଅବେଗ ହୃଦୟ
ତାଳେ ତାଳେ ସ୍ଫୀତ ହୁଏ ଅତିଶୟ ।
ବିହଙ୍ଗ-କାକଳି ଶୁଣୁ ଅଚମ୍ଭିତେ
ଚନ୍ଦ୍ରା ତାକ ମଣି ଗୃହାନ୍ତ ଚକିତେ ।

ପୁଣି ଅଗ୍ରସର   ହେଉଁ ତରତରେ
ଚନ୍ଦ୍ରାରୂପ ଦର୍ଶି—   ଯାଏ ଥରେ ଥରେ ।
ନଦୀ ହେଉଥାଏ   ନିକଟ ଯେତକ
ଝଲସିତ ହୁଏ   ପଣ୍ୟ ତେତକ ।
ନିର୍ବାଣ-ଉନ୍ମୁଖ   ପ୍ରଦୀପ ପ୍ରଖରେ
ଅନ୍ତମେ ନୟନ   ଜଳ ଉଠେ ଥରେ;
ତଥା ଚନ୍ଦ୍ରାକାନ୍ତ   ଚନ୍ଦ୍ରାକୁଳ ମନ
ହୁଅଇ ବେଳକୁ   ବେଳ ଛନ୍ଦ ଛନ୍ଦ ।
ପ୍ରବେଶୁଁ ଶ୍ରାବସ୍ତି   ତଟିନୀତଟରେ
ଦେଖିଲେ ଅଟକ   କର ଅନୁଚରେ
ଶୁଲ୍କ ପାଇଁ ଏକ   ବଣିକର ତରୀ
ଅଛନ୍ତି ଅପେକ୍ଷା   ଶ୍ରାବସ୍ତୀଙ୍କ କର ।
ଚାହିଁ ସେ ବଣିକେ   ଶ୍ରାବସ୍ତି ନୃପତି
ବାହୁଲେ ଆଦେଶ   ଭୃତ୍ୟବର୍ଗ ପ୍ରତି—
"ସୁବର୍ଣ୍ଣ ଇଷ୍ଟକ   ଅଛି ବହୁତର
ଏ ଦୁଷ୍ଟତରୀରେ   ଅଣ ତା ସତ୍ୱର ।"
ଆଜ୍ଞା ପାଇ ବାହୁ   ଅଣି ଭୃତ୍ୟମାନେ
ସେ ଇଷ୍ଟକ ଦେଲେ   ନୃପ ସନ୍ନିଧାନେ ।
ଦେଖି ସୌଦାଗର   ବାସୁଦେବ ପାଶେ
କଲା ଅଭିଯୋଗ   ସକରୁଣ ଭାଷେ—
"ତବ କର୍ମଚାରୀ   ବିନା ଦୋଷେ ଅଜ
ଲୁଣ୍ଠନ କଲେ ମୋ   ତରୀ ମହାରାଜ ।

ବିଦେଶୀ ବଣିକ   ପ୍ରତି ଅତ୍ୟାଗ୍ରହ
ଶୀଘ୍ରମୂଲ୍ୟରେ ହେଉ   ବିକ୍ରୀତ ଦ୍ରବ୍ୟ ।"
ଶ୍ରୀବତ୍ସେ ନୃପତି   ଡକାଇ ତତ୍କ୍ଷଣ
ପୃଚ୍ଛନ୍ତେ ତରଣୀ   ଲୁଣ୍ଠିବା କାରଣ;
ବୋଇଲେ ଶ୍ରୀବତ୍ସ,   "ଶୁଣ ନରବର !
ସାଧୁ ନୁହଇ ଏ   ଚୂରି ସୌଦାଗର ।
ପ୍ରମାଣ ସ୍ୱରୂପ   କହୁଛି ମୁଁ ଯାହା
ଦେଖନ୍ତୁ ପରୀକ୍ଷା   କରି ବାଟରେ ତାହା ।
ଏ ସ୍ୱର୍ଣ୍ଣ ଇଷ୍ଟକ   ଯୁଗ୍ମହସ୍ତେ ଧରି
ଯେବେ ସାଧୁ ପାରେ   ବେନି ଗୋଟି କରି
ତେବେ ତ ପ୍ରମାଣ   ପାଇବେ ସକଳ
କାହାର ଇଷ୍ଟକ   କେ କରୁଛି ଛଳ ।"
ଶ୍ରୀବତ୍ସ ବଚନେ   ବାହୁ ନରପତି
କହିଲେ ଆଦେଶ   ସୌଦାଗର ପ୍ରତି —
"ଏ ସ୍ୱର୍ଣ୍ଣ ଇଷ୍ଟକେ   କର ବେନି ଖଣ୍ଡ
ନତୁବା ପାଇବ   ସମୁଚିତ ଦଣ୍ଡ ।"
ନୃପାଦେଶେ ଦର୍ପେ   ଉଠେ ସୌଦାଗର
"ଏହୁ ଛାର କଥା   କେତେ ବା ମାତର ?"
ଏଅନ୍ତେ ବଣିକ   କୁଠାରେକ ଧରି
ସେ ସ୍ୱର୍ଣ୍ଣର ସନ୍ଧି—   ସ୍ଥାନ ଲକ୍ଷ୍ୟକରି;
ବହୁତ ଅଘାତ   କଲା ବାରମ୍ବାର
ମାତ୍ର ସବୁ ଶ୍ରମ   ବୃଥା ହେଲା ତାର ।

ସର୍ବାଙ୍ଗ ସାଧୁର ହୋଇଲା ଘର୍ମାକ୍ତ
ଅବଶେଷେ ବସି— ଗଲା ହୋଇ ଶାନ୍ତ ।
ଭବନ୍ତେ ଶ୍ରୀବତ୍ସ ସେ ଇଷ୍ଟକ ଧରି
ଇଷ୍ଟଦେବତାଙ୍କୁ ହୃଦୟେ ସୁମରି
ବେନାଭାଗ କଲେ ଯୁଗ୍, ଅଂଶୁ ତାର,
ଦେଖି ବାସୁଦେବ ମଣି ଚମତ୍କାର
ଉଠି ସସମ୍ଭ୍ରମେ ଧରି ବେନା କରେ
ଭାଷିଲେ ଶ୍ରୀବତ୍ସେ ବିସ୍ମୟେ କାତରେ—
"କହ ବତ୍ସ ! ତୁମ୍ଭେ କିଏ ଗୁଣଧର
ଦେବ ଯକ୍ଷ ନାଗ ଗନ୍ଧର୍ବ କି ନର ?
ନେବାକୁ କି ଅବା ମୋର ନନ୍ଦନୀକି
ମାୟାରୂପେ ଅସି— ଅଛ ମେଦିନୀକି ?
ଜାଣୁଛି ମୋ କନ୍ୟା ମହାଭାଗ୍ୟବତୀ
ଯେଣୁ ଲଭିଅଛି ଦେବୋପମ ପତି ।
ଏ ବୃଦ୍ଧକୁ ଆଉ ନ କର ବଞ୍ଚନ
ସତ୍ୟ ପରିଚୟେ ଦିଅ ବାପଧନ !"
ବୋଇଲେ ବିନୟେ ଶ୍ରୀବତ୍ସ ରାଜନ
"କରନ୍ତୁ ଶ୍ରବଣ [ମୋର ବିବରଣ ।
ନ କର ଚିନ୍ତା ମୁଁ ନୁହେଁ ନୀଚ ଜନ
ପ୍ରାଗ୍‌ଜ୍ୟୋତିଷାଧିପ ଶ୍ରୀବତ୍ସ ରାଜନ ।
ବିଧିର ନିର୍ବନ୍ଧେ 'ଭଦ୍ରାବତୀ-କର
ଗ୍ରହଣ କରିଛି ସୌଭପୁରେଶ୍ୱର !"

ଶ୍ରାବଣ୍ଣ-ପୀୟୂଷ — ବଚନ ଶ୍ରବଣେ
ବିମୁଗ୍ଧ ରହିଲେ ବାହୁବଳୀ ଯେଣେ;
ଅନନ୍ଦ ଅଧୀରେ ବୃଦ୍ଧ ରଜାଙ୍କର
ବହିଗଲା ଗଣ୍ଡେ ଅଶ୍ରୁ ଦରଦର ।
ଗଦ ଗଦ ଭାଷେ ବାହୁ ନରପତି
ବୋଇଲେ ସଖେଦେ ଜାମାତାଙ୍କ ପ୍ରତି—
"ନ ଜାଣି ନ ଶୁଣି ତୁମ୍ଭଙ୍କ ଇତର
ମଣି ଅପମାନ ଦେଇଛୁ ବିସ୍ତର ।
ଅଜ୍ଞାନ-ଅର୍ଜିତ ଦୋଷେ ମାରଜନ
ସ୍ୱୀୟ କ୍ଷମାଗୁଣେ କରନ୍ତୁ ରାଜନ ।
ସୁକ୍ଷଣେ ଭଦ୍ରା ମୋ ପୁରେ ଜନମିଲା
ତା ସୁକୃତେ ତବ ଦର୍ଶନ ମିଳିଲା ।
ଧନ୍ୟ ହରଗୌରୀ ସେବି ଭଦ୍ରାବତୀ
ବରିଲା ପତିତ୍ୱେ ରାଜଚକ୍ରବର୍ତ୍ତୀ ।
ପୂର୍ବ ଜନ୍ମାର୍ଜିତ ପୁଣ୍ୟ ତାର ଥିଲା
ତେଣୁ ଗୃହେ ବସି ତୁମ୍ଭଙ୍କ ଲଭିଲା ।
ତାର ପୁଣ୍ୟବଳେ ହେଲି ମୁଁ କୃତାର୍ଥ
ତୁମ୍ଭଙ୍କ ଜାମାତା— ରୂପେ ହୋଇ ପ୍ରାପ୍ତ ।
ହେଉଥିଲା ପ୍ରାଣ ସତତ ବିକଳ
ସୁଧା ସିନ୍ଧୁ ଅଜ କଲ ସୁଶୀତଳ ।"
କହୁ କହୁ ହୃଦ— ଅବେଗେ ରାଜନ
ଦିର ଜାମାତାଙ୍କୁ ହୃଦୟେ ଧାରଣ

ଜନ୍ମଦେଲେ ଅଭି— ଷିକ୍ତ ଅଶ୍ରୁଜଳେ
ପ୍ରୀତି-ସିଂହାସନେ ସାର୍ବଭୌମ ପଣେ ।
ବୋଇଲେ ଶ୍ରୀବତ୍ସ ମଧୁର ବଚନେ
"ବୃଥା ଅନୁତପ୍ତ ହେଉଅଛ ମନେ ।
ନ କର ଶୋଚନା ଗତ ବିଷୟର
ଜାଣି କରଛ କି ମୋତେ ହତାଦର ?
ତବ କନ୍ୟାଗୁଣେ ପରମ ଆନନ୍ଦେ
ଅଛି ମୁଁ ରାଜନ ! ତବ ଦତ୍ତ ସଦ୍ମେ ।
ମୋର କର୍ମଦୋଷୁ ଭୁଞ୍ଜଇ ମୁଁ ଦୁଃଖ
ସେଥିପାଇଁ ରାଏ ! ନ ହୁଅ ବିମୁଖ ।"
ଏଅନ୍ତେ ତାଙ୍କର ପୂର୍ବ କଥାମାନ
କଲେ ବାସୁଦେବ ଅଗ୍ରତେ ବ୍ୟାଖ୍ୟାନ ।
ଲକ୍ଷ୍ମୀ ଶନିଙ୍କର ଦ୍ୱନ୍ଦ୍ୱର ବିଷୟ
ଶନି କୋପାନଳେ ରାଜ୍ୟ ପ୍ରଜାକ୍ଷୟ;
କାଶୀଠେ ମହର୍ଷି ସହ ପଳାୟନ
ନାବିକ ସ୍ୱରୂପେ ଶନିର ବଞ୍ଚନ;
ପଳାଇବା ଦଗ୍ଧ ମୀନ ସରସୀରେ
ରହିବାର କାଷ୍ଠ— ଜୀବୀଙ୍କ ପଲ୍ଲୀରେ,
କଲ୍ଲ ଯେଉଁପର କୁଠୀରୁଁ ହରଣ
ମହର୍ଷି ଶାନ୍ତାଙ୍କୁ କଲେ ମହାଜନ;
ସୁବର୍ଣ୍ଣ ଇଷ୍ଟକ ଲୋଭେ ଯେ ପ୍ରକାରେ
ନିକ୍ଷେପିଲ ତାଙ୍କୁ ଭ୍ରମ ଅପରା'ରେ;

ଯେଉଁପରି ଦ୍ୱୀପ ଅସି ଅବଶେଷେ
ରହିଲେ ମାଳିନୀ ଗୃହେ ଛଦ୍ମବେଶେ;
ଏ ଅବ୍ଦ ତାଙ୍କର ଜୀବନୀ ଯାବତ
କହନ୍ତୁ ସବିସ୍ତାରେ ଶ୍ରୀବତ୍ସ ସମସ୍ତ
ବୋଇଲେ ସକ୍ରୋଧେ, "ଅଦ୍ୟାପି ନୌକାରେ
ଏ ଦୁର୍ବୃତ୍ତ ବନ୍ଦୀ କରିଛୁ ଚିନ୍ତାରେ ।"
ଶୁଣି ଜାମାତାଙ୍କ କରୁଣ ଭାରତୀ
ରାଜା ବାହୁଦେବ କ୍ରୋଧଭରେ ଅତି
ରଖାଇଲେ ଅଣ୍ଟା ଦେଇ ଅନ୍ତରରେ
କାରାରେ ବନ୍ଧନ କରି ସୌଦାଗରେ ।
ଏ ଅନ୍ତେ ନୃପତି ପାତ୍ର ମନ୍ତ୍ରୀ ତୁଲେ
ଯାଇ ଧାଡିକାରେ କ୍ଷୀରନଦୀ କୂଳେ
ତ୍ରିବେଣୀ ସଙ୍ଗରେ ତରଣୀ ଉପରେ
ବଳେଙ୍କ ଚିନ୍ତାରେ ରହିଲେ ଯନ୍ତ୍ରରେ ।
ନିଗଡ଼ ବନ୍ଧନ ଯନ୍ତ୍ରଣାରେ ସତୀ
ଶବ ପରି ସ୍ଥିରେ ପଡ଼ି ରହିଛନ୍ତି ।
ଦେଖି ବାହୁଦେବ ବ୍ୟାକୁଳିତ ମନେ
ବୋଇଲେ ଚିନ୍ତାଙ୍କୁ ସ୍ନେହ ସମ୍ବୋଧନେ,
"ଉଠ ମାଆ ମୋର ଉଠ ସତୀରାଣି !
ତୁମ୍ଭର ଦୁର୍ଦ୍ଦଶା— ନିଶା ପାହିଲାଣି ।
ତୁମ୍ଭ ପଥ ଚାହିଁ ଚିନ୍ତାକୁଳ ମନେ
ଅଛନ୍ତି ଶ୍ରୀବତ୍ସ ରାଜା ମୋ ସଦନେ ।

ଅସ ମା ! ଅସ ମା ! ଅଜ ସୁପ୍ରଭାତ
କର ପ୍ରିୟତମ ଶ୍ରୀବତ୍ସେ ସାକ୍ଷାତ ।"
ଘର୍ମାନ୍ତେ ଗୃହକୀ କଲ କି ଶ୍ରବଣ
ନବ ଜଳଧର ବିଜୟ ନିଃସ୍ୱନ ?
ବାତ୍ସଲ୍ୟ ପୂରିତ ସୁଧାମୟ ବାଣୀ
ବାସୁଦେବଙ୍କର ଶୁଣି ଚନ୍ଦ୍ରାସଣୀ
ଉଠି ଅସୁଥିଲ ହୃଦୁଁ ଶୋକୋଚ୍ଛ୍ୱାସ
ରୋଧିଲେ କର ତା ବହୁତ ପ୍ରୟାସ ।
ଉତ୍ତରଲେ କ୍ଷୀଣ କଣ୍ଠେ ସକାତରେ
ସକରୁଣ ଭାଷେ ବାସୁ ନରବରେ—
"କିଏ ତୁମ୍ଭେ ଦେବ ! ଶ୍ରୀଗୁରୁ କୃପାରେ
ବିପଦ-ବାନ୍ଧବ ଅସିଲ ଏଠାରେ ?
କରନ୍ତୁ ମୋହର ଦଶା ବିଲୋକନ
ହୋଇଅଛୁ କର ଚରଣ ବନ୍ଧନ ।
ପିତୃତୁଲ୍ୟ ଅସି ସୁଧାମୟ ଗିରେ
ଦେଲ ନବ ପ୍ରାଣ ଯେବେ ଦୁଃଖିନୀରେ
କରନ୍ତୁ ସଦୟେ ବନ୍ଧନ ମୋଚନ
କରେଁ ପ୍ରିୟତମ ଚରଣ ଦର୍ଶନ ।"
ପରଶି ଦେବାକୁ ସତୀ ଅପଘନ
ଥିଲେ ମଧ୍ୟ ସିଏ ସଙ୍କୁଚିତ ମନ
ଅଗତ୍ୟା ସ୍ୱହସ୍ତେ ଫେଡ଼ିଲେ ବନ୍ଧନ
ଉଠିଲେ ସଧୀରେ ରମଣୀରତନ ।

ଦେଖି ସତୀଙ୍କର ବ୍ୟାଧିଯୁକ୍ତ କାୟେ
ପୁଚ୍ଛିଲେ କାରଣ ସବିସ୍ମୟେ ସଏ ।
କହି ଚନ୍ଦ୍ରାରାଣୀ ବ୍ୟାଧିର କାରଣ
ଭାସ୍କରଙ୍କୁ ଚିତ୍ତେ କରୁଁ ସୁମରଣ;
ଗଲା ସେହିକ୍ଷଣି ବ୍ୟାଧି ଅପସରି
ଶୌକ୍ତିକ-ନିର୍ମୁକ୍ତ ମୌକ୍ତିକର ପରି;
ଝଲସି ଉଠିଲା ଲାବଣ୍ୟବିଗ୍ରହ
ଦେଖି ଚମକିତ ନୃପତି ହୃଦୟ ।
ବିସ୍ମୟାଭିଭୂତ ସୌତିପୁରପତି
ଆନନ୍ଦଗଦ୍‌ଗଦେ ସତୀଙ୍କି କହନ୍ତି—
"ଧନ୍ୟ ଧନ୍ୟ ସତୀ ! ପତିଅନୁରକ୍ତା
ଧନ୍ୟ ପୁଣ୍ୟଶୀଳେ ! ସାଧ୍ୱୀ ପତିବ୍ରତା !
ଧନ୍ୟ ନାରୀ-କୁଳ— ସୀମନ୍ତ-ରତନ !
ସ୍ୱରିବେ ତୁମ୍ଭର ଯଶଃ ତ୍ରିଭୁବନ ।"
ନେବାକୁ ଚନ୍ଦ୍ରାକୁ ଚତୁର୍ଦ୍ଦୋଳ ପାଇଁ
ଦିଅନ୍ତେ ଭୃତ୍ୟଙ୍କୁ ଆଜ୍ଞା ନରସାଇଁ,
ଶୁଣି ଚନ୍ଦ୍ରାରାଣୀ ବୋଇଲେ ବିନୟେ
"ହେ ନାଥ ! ଯାନରେ ଚଢ଼ି ଏ ସମୟେ
ପ୍ରଭୁପାଶେ ଯିବା ନୁହଇ ସୁକୃତି
ପଦବ୍ରଜେ ଯାଏଁ ଦିଅ ଅନୁମତି
ସତୀର ଇଚ୍ଛାରେ ବାଧା ଦେବା ପାଇଁ
ବାସୁଦେବଙ୍କର ଚିତ୍ତ ହେଲା ନାହିଁ ।

ଅଗେ ବାହୁଦେବ　　　ପଛେ ସଖୀ ଚନ୍ଦ୍ରା
ପଦବ୍ରଜେ ଗଲେ　　　ମନେ ବହୁ ଚିନ୍ତା ।
ବାଲ୍ମୀକି ପଛେ　　　ମୈଥିଳୀ ଯେପରି
ଯାଇଥିଲେ ରାମ　　　ଦରଶନ କରି ।
ନବର ତୋରଣେ　　　ମୁଖେ ହେଉଁ ସତୀ
ଜନନୀ ସହିତେ　　　ଅସି ଭଦାବତୀ
ଅଭ୍ୟର୍ଥନା କରି　　　ନେଲେ ହଂସପୁରେ
ପ୍ରାଗ୍‌ଜ୍ୟୋତିଷାଧିପ　　　ଶ୍ରୀବତ୍ସ ଗ୍ଲମୁରେ ।
ବିପଦ-ଡମ୍ବର　　　ଭୀମ ପ୍ରଭଞ୍ଜନେ
ଘୂରି ଘୂରି ଏତେ　　　କାଳ ବେନି ଜନେ
ହେଲେ ଅସି ସୌତ—　　　ପୁରେ ସମ୍ମିଳିତ
ହେଲ ପୁଣି ଗୃହ　　　ଚକ୍ଷୁ ଏକତ୍ରିତ ।
ଏ ଘୋର ବିରହ—　　　ନିଶା ଅବସାନେ
ବେନିଙ୍କୁ ବେନିଏ　　　ଦେଖି ମୁହ୍ୟମାନେ
ରହିଲେ ହରଷ—　　　ପୁଷ୍ପ ବିମଣ୍ଡିତେ
ପାଦପ-ବଲ୍ଲରୀ　　　ପରିଏ ସ୍ତମ୍ଭିତେ ।
ପ୍ରେମସିନ୍ଧୁ ପ୍ରୀତି—　　　ତଟିନୀ କଲ୍ଲୋଳେ
ମାନସ ମଗନ　　　ହେଲ ଭାବଦୋଳେ ।
ଅବର୍ତ୍ତେ ସେ ସ୍ରୋତ　　　ବହନ୍ତେ ତକାଶି
ବେନିଙ୍କ ବଦନୁ　　　ନ ସ୍ଫୁରିଲ ବାଣୀ ।
ମାତ୍ର ଚିନ୍ତା ନେବେ　　　ଜଳୁଛି ସେ ଜଣ୍ଣ
ବାହୁ ତରଙ୍ଗରୁ　　　ବିସ୍ତାର ଶ୍ରୀବତ୍ସ;

ପ୍ରେମଭରେ ଲଭ ଅଙ୍ଗ-ବସ୍ତ୍ରରଣ
କଲେ ପ୍ରେୟସୀଙ୍କି ବକ୍ଷରେ ଧାରଣ ।
ସହ୍ୟ ଝଞ୍ଜାନିଳ କରକା ପତନ
ଦୁର୍ଦ୍ଦିନେ ହେଲେ କି ଏବେ ସମ୍ମିଳନ ।
ବିମଳ ଶରତ ଋତୁ ତୁଲେ ଅସି
ପ୍ରକୃତ ହୃଦୟ— ବେଦନା ଉଶ୍ୱାସି ?
ସିନ୍ଧୁ ଅଙ୍ଗେ ଅବା ସ୍ରୋତରଙ୍ଗିଣୀ
ଢାଳିଦେଲେ ଅଙ୍ଗ— ପତିତୋଦ୍ଧାରିଣୀ ?
କି ଅବା ମିଳିଲେ ରୋହିଣୀ ଚନ୍ଦ୍ରମା
କି ଅଜ ଦୁର୍ବାସା ଶାପଚ୍ୟୁତା ରମା ।
ହୋଇ ସମୁଦ୍ଭୂତା କ୍ଷୀରୋଦ-ମନ୍ଥନେ
ହେଲେ ସମ୍ମିଳିତ ଦେବ ନାରାୟଣେ ?
ପ୍ରେମମୟ ପତି ବକ୍ଷରେ ଲପନ
ରଖି ପ୍ରୀତିମୟୀ କରନ୍ତି ରୋଦନ ।
ଦେଖି ଭଦ୍ରାବତୀ ସପତ୍ନୀ-ରୋଦନ
କରି ନ ପାରିଲେ ଅଶ୍ରୁ ସମ୍ବରଣ ।
ଉଭା ହୋଇ ତାଙ୍କ ପାଶେ ମୈତ୍ରୀ ମତି
ଅଶ୍ରୁସିକ୍ତ ମୁଖେ ବ୍ୟଜନ ଢୁଳନ୍ତି ।
ଅଜ ଭଦ୍ରାବତୀ ସପତ୍ନୀ ଦର୍ଶନେ
ହୋଇ ଅହ୍ଲାଦିତ ବାୟୁବାକ୍ୟ ମନେ ।
ଚନ୍ଦ୍ରାବତୀ ପଦ— ଚର୍ଯ୍ୟାରେ ନିରତ
ହୋଇଛନ୍ତି ଛାୟା ପରି ଅବିରତ ।

ପ୍ରୀତିମୟୀ ପ୍ରୀତି—   ପୂର୍ଣ୍ଣ ବ୍ୟବହାରେ
ଜବ୍ଦଦେଲ ମୁଗ୍ଧା   ସପତ୍ନୀ ଚନ୍ଦ୍ରାରେ ।
ପତିଙ୍କ ବଦନୁ   ତାର ପରିଚୟ
ଲଭି ଚନ୍ଦ୍ରା ପ୍ରୀତା   ହୋଇ ଅତିଶୟ
ଅତି ସ୍ନେହ ସମା —   ଦରେ ସପତ୍ନୀଙ୍କ
ଗ୍ରହଣ କଲେ ସେ   ଯେସନେ ଭଗ୍ନୀଙ୍କ ?
କ୍ଷଣକେ ଉଦ୍ଭୁତ —   ଗଲ ପରସ୍ପରେ
ଅକୃତ୍ରିମ ପ୍ରୀତି   ପ୍ରଗାଢ଼ଭାବରେ ।
ଯେତେବେଳେ ହୋଇ   ପ୍ରେମ ଉନ୍ମାଦନୀ
ସର୍ବ ବାଧା ବିଘ୍ନ   ଲଙ୍ଘି ତରଙ୍ଗିଣୀ
ଧାଇଁ ଆସେ ସିନ୍ଧୁ—   ମୁଖେ କଳନାଦେ
କଳକଲ୍ଲୋଳିନୀ   ପ୍ରାଣର ଅହ୍ଲାଦେ
ଦେଖିଲେ ସମ୍ମୁଖେ   ଉଚ୍ଛିନୀ ସଖୀଙ୍କ
ହୃଦୟ ଆବେଗ   ପାରଇ ରଖି କି ?
ମିଶିଯାଇ ତାର   ସଙ୍ଗେ ପ୍ରେମସ୍ରୋତେ
ମିଶି ନ ଯାଏ କି   ସାଗରକଲ୍ଲୋଳେ ?
ନିଶିକାନ୍ତ ନିଶି   ଦେଖି ସନ୍ଧ୍ୟା ପାଶେ
ହେମନ୍ତ ଆନନ୍ଦ —   ଜ୍ୟୋସ୍ନାପୂରେ ଭାସେ ।
ଅକଳଙ୍କ ଶଶୀ   ଶ୍ରୀବତ୍ସ ନୃପତି
ସଙ୍ଗେ ସ୍ୱାତୀ ଚନ୍ଦ୍ରା   ଚିନ୍ତା ଭଦ୍ରାବତୀ;
ଫୁଟିଲେ ହୃଦୟ —   ବୃନ୍ତେ ଶ୍ରୀବତ୍ସର
ସୁଗନ୍ଧି କୁସୁମ   କିବା ମନୋହର ।
ବାସୁଦେବ ରାଣୀ   ବାତ୍ସଲ୍ୟର ସହ

ସପତଣୀ ପ୍ରୀତ — ଦାମ୍ପତ୍ୟ ପ୍ରଣୟ;
ଅମାସ୍ୱାତ୍ତୀ ଶକ୍ତି — ପରସ୍ୱଏ ପ୍ରତ୍ୟରେ
କରେ ମହୋତ୍ସବ — — ଝଁଢ଼ ରାଜପୁରେ ।
ସେ ଝଁଢ଼ ଅନ୍ଧାରେ — ଗତ ଦୁଃଖମାନ
ହୃଦୟ-ଗଗନୁ — ହେଲା ଅବମାନ ।
ନବ ନବ ଭାବ— — ରସର ହିଲ୍ଲୋଳେ
ମନମୀନ କ୍ରୀଡ଼ା — କଲା ସୁଖହେଲେ ।
କେତେ ଦିନ ଯାଇ — ହେଲା ନିଶି ଶେଷ
ସେ ଝଁଡ଼ରେ କଣା — ନ ପଡ଼ିଲା ଲେଶ ।
ପର ଦିନ ପ୍ରାତେ — ବାନ୍ଧୁ ନରପତି
ଜାମାତା ସହିତେ — ଧେନା ପାନ୍ଥ ମନ୍ତ୍ରୀ
ସଭାରେ ବି ଜୟୁ — ଭଲେ ସିଂହାସନେ
ଯଥା ତାରାମେଳେ — ଚନ୍ଦ୍ରମା ଗଗନେ
ଅଳଙ୍କାର କରି — ସଭା ଅଲୋକିତ
ଜ୍ୟୋତିର୍ମୟ ଦିବ୍ୟ — ରୂପେ ଉପନୀତ —
ହେଲେ ସଭାମଧ୍ୟେ — ଗ୍ରହରାଜ ଶନି
ଦେଖି ତାଙ୍କୁ ସର୍ବେ — ଚମତ୍କାର ମଣି;
ଶଶବ୍ୟସ୍ତେ ଉଠି — କରଯୋଡ଼କରେ
ଭକ୍ତ ହେଲେ ଭୀତେ — ନତସ୍ତେ ସଚକିତେ ।
ଶ୍ରୀବତ୍ସେ ସସ୍ମିତେ — କରି ସମ୍ବୋଧନ
ବୋଇଲେ ମଧୁରେ — ଭାସ୍କରନନ୍ଦନ —
"ମହାରାଜ ! ତବ — କର୍ମଭୋଗମାନ
ଏତେ ଦିନେ ଅସି — ହେଲା ଅବସାନ

ନିର୍ଭୟେ ଏଥର   ସ୍ୱର୍ଗଲୋକେ ଗମନ
କର ରାଜ୍ୟ ପ୍ରଜା   କରନ୍ତୁ ପାଳନ ।
ପରମ ଧାର୍ମିକ   ତୁମ୍ଭେ ଦଣ୍ଡଧାରୀ
ମାତ୍ର କର୍ମାଧୀନ   ସର୍ବ ନରନାରୀ ।
ଜନ୍ମଜନ୍ମାର୍ଜ୍ଜିତ   କରମର ଫଳେ
ତୁମ୍ଭଙ୍କୁ ଏ ଦୁଃଖ   ଭୋଗ ହେଲା ବଳେ ।
ଜାଣିବେ ମୋହର   ତିଳେ ଦୋଷ ନାହିଁ
କର୍ମଫଳ ଭୋଗ   କରାଇବା ପାଇଁ
ଚିତ୍ରିରଥିଲେ ମୋତେ   ବିଧାତା ପୁରୁଷ
ତେଣୁ ତବ ପ୍ରତି   ନହୋଇଲି ପରୁଷ ।
ଯା ହେବାର ହୋଇ —   ଗଲା କର୍ମଫଳେ
ମାତ୍ର ମୋର ବଳେ   ହେବ ଧରାତଳେ
ତବ ନାମ ସ୍ମର—   ଣୀୟ ଚିରକାଳ
ଯାବତ ଚନ୍ଦ୍ରାର୍କ   ଥିବେ ମହୀପାଳ !
ତବ ନାମ ସତ୍ୟ   ନେବେ ଯେଉଁ ବ୍ୟକ୍ତି
ଖଣ୍ଡିବ ତାଙ୍କର   ସକଳ ବିପତ୍ତି ।"
କହି ଅନ୍ତର୍ହିତ   ହେଲେ ଶନି ଖରେ
ଶ୍ରୀବତ୍ସ ନୃପତି   ଏଥି ଅନନ୍ତରେ
ସପତ ଦିବସ   ଶ୍ୱଶୁର ଆବାସେ
ବିବିଧ ଉତ୍ସବେ   ଯାପି ମହୋଲ୍ଲାସେ ।
ଚିନ୍ତା ଭଦ୍ରାବତୀ   ବେନି ରାଣୀ ସହ
କରି ମନୋହର   ସ୍ୟନ୍ଦନେ ବିଜୟ

ପ୍ରାଗ୍‌ଜ୍ୟୋତିଷପୁରେ କଲେ ଆଗମନ
ଦେଖି ଜୟନାଦ କଲେ ପ୍ରଜାଗଣ ।
ନ ଦେଖି ଅଗମ ନୃପ-ଚନ୍ଦ୍ରମାର
ଘୋଟିଥିଲା ପୁରେ ନୈରାଶ୍ୟ ଅନ୍ଧାର
ଚତୁର୍ଦ୍ଦଶ ବର— ଖାନ୍ତେ ଯେଉଁପର
ରାମ ଆଗମନେ ସାକେତ ନଗର
ତଥା ସୁଖ-ଜ୍ୟୋତ୍ସ୍ନା ରାଜ-ଚନ୍ଦ୍ରୋଦୟେ
ଢାଳିଲା ହରଷ— ସୁଧା ସର୍ବାଳୟେ ।
ବିକଶିଲା ପ୍ରଜା— ମାନସ କୁମୁଦ
ନୟନ-ଚକୋର ହେଲା ଅତି ମୁଦ ।
ହେଲା ରାଜ୍ୟ ଅଷ୍ଟ ଐଶ୍ୱର୍ଯ୍ୟେ ପୂର୍ଣ୍ଣ
ହେଲେ ପ୍ରଜାପୁଞ୍ଜ ଶୋକଦୁଃଖଶୂନ୍ୟ ।
ଧରିଲା ସୁନ୍ଦର ଶସ୍ୟେ ବସୁମତୀ
ହସିଲା କି ଅବା ଲଭି ନିଜ ପତି ?
ରାଜପୁର-ସିନ୍ଧୁ ମହାକୋଳାହଳେ
ଉଚ୍ଛୁଳି ପଡ଼ିଲା ହରଷେ ବିହ୍ୱଳେ ।
ଯେସନ ଅଙ୍କେ ପୃଥ୍ୱୀ— ବାନ ନରପତି
ପୁଣ୍ୟ ଅଙ୍କେ ପ୍ରୀତି ପତିବ୍ରତା ସତୀ;
ଅବା ଶିବ ଅଙ୍କେ ଗଙ୍ଗା ଗୌରୀ ପର
ଚନ୍ଦ୍ରା ଭଦ୍ରାବତୀ ବେନି ପାଟେଶ୍ୱରୀ
ପରମ ଆନନ୍ଦେ ଯାପିଲେ ଜୀବନ
ସଫଳ ହୋଇଲା କମଳା ବଚନ ।

— ସମାପ୍ତ —

Printed by M. Kar, U. S. Press, Cuttack, 20-8-38—1000.



—ପୃ ୧୧୭ ଷ୍ଠା